


# ଜୁଆ ଆଡ୍ଡାରେ ଚଢ଼ାଉ, ୩୧ ଗିରଫ

ଭଞ୍ଜନଗର,୨୨।୧୦(ଡି.ଏନ.ଏ.)

ଭଞ୍ଜନଗର ପୋଲିସ ସୋମବାର ୫ଟି ଜୁଆ ଆଡ୍ଡାରେ ଚଢାଉ କରି ୩୧ଜଣଙ୍କୁ ଗିରଫ କରିଛି। ଏଥିସହ ସେମାନଙ୍କ ଠାରୁ ୬୮ହଜାର ୮୯୦ ଟଙ୍କା, ୧୦ଟି ମୋବାଇଲ ଫୋନ୍ ସମେତ ଅନ୍ୟାନ୍ୟ ଜିନିଷ ଜବତ କରାଯାଇଛି। ପ୍ରଥମେ ଯୋଗିମାରୀ ଗ୍ରାମ ନିକଟରେ ଚାଲିଥିବା ଜୁଆ ଆଡ୍ଡାରେ ଚଢ଼ାଉ କରାଯାଇଥିଲା। ସେଠାରୁ ୭ଜଣଙ୍କୁ ଗିରଫ କରାଯାଇଥିଲା। ଦ୍ୱିତୀୟଟି ବେଲଗୁଣ୍ଠାରେ ଚଢ଼ାଉ କରାଯାଇ ୮ଜଣ, ତୃତୀୟଟି ନୁଆଁଗା ଖଦାଳସାହିରୁ ୫ଜଣ, ଚତୁର୍ଥଟି ବାଣତୁମ୍ବ ଖଦାଳସାହିରୁ ୩ଜଣ ଓ କୁଲାଡ଼ ମେନ୍‌ରୋଡ଼ରୁ ୮ଜଣଙ୍କୁ ଚଢ଼ାଉ ଗିରଫ କରାଯାଇଛି। ଥାନା ଅଧିକାରୀ ଅଶ୍ୱିନୀ କୁମାର ବିଶ୍ୱାଳ, ବେଲଗୁଣ୍ଠା ଫାଣ୍ଡି ଅଧିକାରୀ ସବ୍ୟସାଚୀ ମଲ୍ଲ ଏହି ଚଢ଼ାଉର ନେତୃତ ନେଇଥିଲେ।




# ଶିକ୍ଷା, ସ୍ୱାସ୍ଥ୍ୟରେ ନବରଙ୍ଗପୁର ପଛୁଆ

ନବରଙ୍ଗପୁର,୨୨।୧୦(ବି.ପ୍ର. )

ସ୍ଥାନୀୟ ସୌରାସାହି କଲ୍ୟାଣ ମଣ୍ଡପ ଠାରେ ଭାଜପା ଜିଲା ସଭାପତି ଗୋବିନ୍ଦ ଜୈନଙ୍କ ସଭାପତିତ୍ୱରେ ଜିଲା କାର୍ଯ୍ୟକାରିଣି ବୈଠକ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ପୂର୍ବତନ ମନ୍ତ୍ରୀ ଡମ୍ବରୁ ମାଝୀ ଭାଜପାରେ ଯୋଗ ଦେଇଥିଲେ । ମିଶ୍ରଣ ପରେ ଡମ୍ବରୁ ମାଝୀ କହିଥିଲେ ଯେ ସେ ଯେଉଁ ଦଳରେ ରହିଥିଲେ ମଧ ଶୃଙ୍ଖଳିତ ଭାବେ ଦଳର ନିତି ନିୟମକୁ ଆଧାର କରି କାର୍ଯ୍ୟ କରିଛନ୍ତି । ଭାଜପାରେ ଅତି ପୁରୁଣା ଲୋକମାନେ ରହିଛନ୍ତି । ସେମାନେ ଦଳ ଓ ସଙ୍ଗଠନ ପ୍ରତି କାର୍ଯ୍ୟ କରି ଆସୁଛନ୍ତି । ଡମ୍ବରୁ ମାଝୀ କଂଗ୍ରେସ ଦଳରେ ଥିବା ସମୟରେ ଅନୁସୂଚିତ ଜନଜାତି ଓ ଜାତି ବିଭାଗ ମନ୍ତ୍ରୀ ଥିଲେ । ପରେ ସେ ଡାବୁଗାଁ ବିଧାନସଭା ପାଇଁ ଭାଜପା ପକ୍ଷରୁ ପ୍ରାର୍ଥୀ ହୋଇ ପରାଜୟ ପରେ ବିଜେଡିରେ ଯୋଗ ଦେଇଥିଲେ। ଏବେ ସେ ପୁଣି ଭାଜପାରେ ଯୋଗ ଦେଇଛନ୍ତି ।

ଜିଲା କାର୍ଯ୍ୟକାରିଣି ବୈଠକ ଭଳି ମଣ୍ଡଳ ଓ ମୋର୍ଚ୍ଚାସ୍ତରୀୟ କାର୍ଯ୍ୟକାରିଣି ବୈଠକ କରାଯିବାକୁ ପରାମର୍ଶ ଦିଆଯାଇଥିଲା । ପ୍ରତିଗାଁ, ପଞ୍ଚାୟତ, ୱାର୍ଡ ସ୍ତରରେ ବୈଠକ କରାଯାଇ କର୍ମୀ ଓ କର୍ମକର୍ତ୍ତାଙ୍କ ସହ ସୁସମ୍ପର୍କ ସ୍ଥାପନ କରାଯିବାକୁ ଆଲୋଚନା ହୋଇଥିଲା । ପ୍ରତି ବୁଥରୁ ୨ ଜଣ କର୍ମୀ ଚୟନ କରି ନାମ ଦେବାକୁ ରାଜ୍ୟ ଆଦିବାସୀ ମୋର୍ଚ୍ଚା ସମ୍ପାଦକ ନିତ୍ୟାନନ୍ଦ ଗଣ୍ଡ କହିଥିଲେ । ନବରଙ୍ଗପୁର ଜିଲା ଶିକ୍ଷା, ସ୍ୱାସ୍ଥ୍ୟ କ୍ଷେତ୍ରରେ ବୁହୁ ପଛରେ ରହିଛି । ଡାକ୍ତର ଓ ବିଶେଷଜ୍ଞ ଅଭାବ ।




କାର୍ଯ୍ୟକାରିଣୀ ବୈଠକରେ ଭାଜପା ନେତା ଓ କର୍ମକର୍ତ୍ତାମାନେ।

## ଭାଜପା ଜିଲା କାର୍ଯ୍ୟକାରିଣୀ ବୈଠକ

- ମଣ୍ଡଳ ଓ ମୋର୍ଚ୍ଚାସ୍ତରୀୟ ବୈଠକ ପାଇଁ ଆହ୍ୱାନ
- ଜିଲାକୁ ମରୁଡ଼ି ଘୋଷଣା ପାଇଁ ଦାବି

ଏନେଇ ଭାଜପା ପକ୍ଷରୁ ଜିଲାପାଳ ଓ ସ୍ୱାସ୍ଥ୍ୟ ସଚିବଙ୍କ ଅଭିଯୋଗ କରାଯିବା ସହ ଅନେକ ଆନ୍ଦୋଳନ ଓ ଦାବୀ କରାଯାଇଛି । ସରକାର ଏଥିପ୍ରତି ଗୁରୁତ୍ୱ ଦେଉ ନାହାନ୍ତି । ବିଜୁ ବାହିନୀ, ଆମ ଗାଁ ଆମ ବିକାଶ ନାଁରେ ପ୍ରହସନ କରି ରାଜକୋଷରୁ ଅର୍ଥ ଅଯଥାରେ ରାଜ୍ୟ ସରକାର କ୍ଷତି ଘଟାଉଛନ୍ତି ବୋଲି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କୁଞ୍ଜ ବିହାରୀ ଦାଶ କହିଥିଲେ । ଚକଡା ପୋକ, ମାଟିଆଗୁଣ୍ଡି, ବ୍ଲାଷ୍ଟ ଭଳି ରୋଗ ପୋକରେ ଫସଲ ହାନୀ ହେଲାଣି । ଚାଷୀ ଋଣ କରି ମୁଣ୍ଡରେ ହାତ ଦେଇ ବସିଛି । ଏଭଳି ସ୍ଥିତିରେ ନବରଙ୍ଗପୁର ଜିଲାକୁ ମରୁଡ଼ି ଘୋଷଣା କରାଯିବା ସହ କୃଷି ବୀମା କରାଯାଇ ଚାଷୀଙ୍କୁ କ୍ଷତି ପୂରଣ ଯୋଗାଇ ଦିଆଯାଉ ବୋଲି ଭାଜପା ପକ୍ଷରୁ ଦାବୀ କରାଯାଇଛି । କେନ୍ଦ୍ର ସରକାରଙ୍କ ଆୟୁଷ୍ମାନ ସ୍ୱାସ୍ଥ୍ୟ ସେବା ଯୋଜନାକୁ ରାଜ୍ୟ ସରକାର ଲାଗୁ କରୁ ନାହାନ୍ତି । ଏହା ଲାଗୁ କଲେ ରାଜ୍ୟ ସରକାରଙ୍କ ଭୋଟ ବ୍ୟାଙ୍କ ଭୁଷୁଡି ପଡିବ । ଏହି ଭୟରେ ଲାଗୁ କରୁନଥିବା ଅଭିଯୋଗ ହୋଇଥିଲା । ବୈଠକରେ ପୂର୍ବତନ ଏମପି ପର୍ଶୁରାମ ମାଝୀ, ରାଜ୍ୟ କାର୍ଯ୍ୟକାରିଣି ସଦସ୍ୟ ରମେଶ ସାହୁ, ଜିଲା ପର୍ଯ୍ୟବେକ୍ଷକ ଆର୍ତ୍ତତ୍ରାଣ ମହାପାତ୍ର, ସାଧାରଣ ସମ୍ପାଦକ ମୃତ୍ୟୁଞ୍ଜୟ ଦାଶ, ଅଶୋକ ପାଢୀ, ଜଗଦୀଶ ବିଶୋୟୀ, ଯୁବ ମୋର୍ଚ୍ଚା ସଭାପତି କାହ୍ନୁ ଦାଶ, ପଛୁଆବର୍ଗ ମୋର୍ଚ୍ଚା ସଭାପତି ମନୋଜ ମହାନ୍ତୁଡ, କୃଷକ ମୋର୍ଚ୍ଚା ସଭାପତି ଜଗଦିଶ କଲାର, ଉପସଭାପତି ସତ୍ୟବାଦୀ ଷଡଙ୍ଗୀ, ଜୟନ୍ତ ପାତ୍ର, ନଗର ମଣ୍ଡଳ ସଭାପତି ସୁବ୍ରତ ମିଶ୍ର, ସମ୍ପାଦକ ମୃତ୍ୟୁଞ୍ଜୟ ମହାରଣା, ମହିଳା ମୋର୍ଚ୍ଚା ସଭାନେତ୍ରୀ ପ୍ରବୀଣା କଲାର, ପୂର୍ଣ୍ଣ ଚନ୍ଦ୍ର ପଟ୍ଟନାୟକ ସମେତ କାର୍ଯ୍ୟକାରିଣି ସଦସ୍ୟା ଓ ସଦସ୍ୟ ପ୍ରମୁଖ ଉପସ୍ଥିତ ଥିଲେ ।

# ଗଣ୍ଡ ସମାଜର ନୂଆଖାଇ ଭେଟ୍‌ଘାଟ

ଝରିଗାଁ, ୨୨।୧୦(ସ୍ୱ.ପ୍ର.)

ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ କୁଟ୍ରିଛାପର ପଞ୍ଚାୟତ ସୋରିପଡା ଗ୍ରାମରେ ଝରିଗାଁ ବ୍ଲକ ଗଣ୍ଡ ସାଂସ୍କୃତିକ ସମାଜ ପକ୍ଷରୁ ନୂଆଖାଇ ଭେଟ୍‌ଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସାମାଜିକ କର୍ମୀ ଭକ୍ତଚାନ୍ଦ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥିଭାବେ ରାଜ୍ୟ ଆଦିବାସୀ ଅନୁସୂଚିତ ଜାତି ଓ ଜନଜାତି, ପଛୁଆବର୍ଗ ତଥା ସଂଖ୍ୟାଲଘୁ ବିକାଶ ମନ୍ତ୍ରୀ ରମେଶ ଚନ୍ଦ୍ର ମାଝି ଯୋଗ ଦେଇଥିଲେ। ମୁଖ୍ୟ ବକ୍ତାଭାବେ ସ୍ଥାନୀୟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦେବେନ୍ଦ୍ର ବାହାଦୁର ସିଂ ଧରୁଆ ଓ ସମ୍ମାନିତ ଅତିଥିଭାବେ ଜିଲା ପରିଷଦ ସଭ୍ୟ ମୋହନ ନାୟକ, ଗୋବିନ୍ଦ ମାଝି, ଜୟନ୍ତୀ ଧରୁଆ, କ୍ଷେତ୍ରମୋହନ ମାଝି, ଖିରାତି ଧରୁଆ, ଦେବସିଂ ମାଝି, କ୍ଷେଦୁରାମ ନାୟକ ଉପସ୍ଥିତ ଥିଲେ। ଗଣ୍ଡ ସମାଜର ୮୦ ଜଣ ଛାତ୍ରୀଛାତ୍ରଙ୍କୁ ଅତିଥିଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା। ଝରିଗାଁ ବ୍ଲକରେ ଗଣ୍ଡ ସମାଜର ସଭାଗୃହ ନିର୍ମାଣ କରାଯିବା ନେଇ ମନ୍ତ୍ରୀ ରମେଶ ଚନ୍ଦ୍ର ମାଝି ଆର୍ଥିକ ସହାୟତା ଘୋଷଣା କରିଥିଲେ। ଗଣ୍ଡ ସମାଜର ସାଂସ୍କୃତିକ ବଜାୟ ରଖିବା ସହ ଝିଅପୁଅମାନଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବା ନେଇ ଗୁରୁତ୍ୱ ଦେଇଥିଲେ। ଏଥିରେ ଛତିଶଗଡ, କଳାହାଣ୍ଡି, ଉମରକୋଟ, ରାଇଘର, ଚନ୍ଦାହାଣ୍ଡି ଆଦି ଅଞ୍ଚଳରୁ ବହୁ ସଂଖ୍ୟାରେ ଗଣ୍ଡ ସଂପ୍ରଦାୟର ଲୋକେ ଏକତ୍ରିତ ହୋଇଥିଲେ।



ଜଣେ ଛାତ୍ରୀଙ୍କୁ ମନ୍ତ୍ରୀ ରମେଶ ଚନ୍ଦ୍ର ମାଝି ସମ୍ମାନିତ କରୁଛନ୍ତି।

## ବିଜ୍ଞପ୍ତି

ତା.୧୫.୧୦.୨୦୧୮

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି **ଶିଖପାଲ୍ଲୀ ବାଳିକା ଉଚ୍ଚ ବିଦ୍ୟାଳୟ**ର ଛାତ୍ରୀନିବାସର **ରାତ୍ର ଜଗୁଆଳ** ପଦବୀ ପୂରଣ ପାଇଁ ଦରଖାସ୍ତ ଆହ୍ୱାନ କରାଯାଉଛି। ଇଚ୍ଛୁକ ପ୍ରାର୍ଥୀମାନେ ନିଜ ନିଜର ଆବେଦନପତ୍ର ଶିକ୍ଷାଗତ ଯୋଗ୍ୟତା ପ୍ରମାଣପତ୍ର ତା.୨୫.୧୦.୨୦୧୮ ସୁଦ୍ଧା ନିମ୍ନ ଠିକଣାରେ ପଠାଇବେ।

**ସ୍ୱା./– ପ୍ରଧାନ ଶିକ୍ଷୟିତ୍ରୀ**
**ଶିଖପାଲ୍ଲୀ ବାଳିକା ଉଚ୍ଚ ବିଦ୍ୟାଳୟ, ମାଲକାନଗିରି**




CLASSIFIED DISPLAY













MORE SPACE • SAME PRICE
CLASSIFIED DISPLAY
(On Tuesday & Friday All Orissa Edition)

| | SIZE | COLOR | B/W |
|---|---|---|---|
| For 15 insertions | 6 × 8 | 40,000 | 35,000 |
| 8 insertions in a month | 6 × 8 | 20,000 | 18,000 |
| 4 insertions in a month | 6 × 8 | 11,000 | 10,000 |
| Single day | 6 × 8 | 2,800 | 2,500 |

For Booking Contact:
Pusparaj-7894447148, Santosh-7894447131
Ajaya- 7894447165, Tapan- 7894447166
Bidyadhar- 7894447168
5% GST Applicable



## ସଂକ୍ଷେପରେ

### ଭାଲୁ କାମୁଡ଼ାରେ ବୃଦ୍ଧ ମୃତ

**କୋରାପୁଟ,୨୨।୧୦(ସ୍ୱ.ପ୍ର.):** ଭାଲୁ କାମୁଡ଼ାରେ କୋରାପୁଟ ସଦର ଥାନା ଖାରିଗୁଡ଼ା ଗ୍ରାମର ଜଣେ ବୃଦ୍ଧଙ୍କ ମୃତ୍ୟୁ ହୋଇଛି। ସୂଚନା ଅନୁଯାୟୀ ଖାରିଗୁଡ଼ାର ଲକ୍ଷ୍ମଣ ପରଜା ଜଙ୍ଗଲକୁ କାଠ ଆଣିବା ପାଇଁ ଯାଇଥିବା ବେଳେ ଭାଲୁ ସହ ମୁହାଁମୁହିଁ ହୋଇଥିଲେ। ଭାଲୁ କାମୁଡ଼ାରେ ସେ ଗୁରୁତର ହୋଇ ପ୍ରଥମେ କୋରାପୁଟ ମେଡିକାଲ କଲେଜ ଓ ପରେ ବିଶାଖାପାଟଣା ସ୍ଥାନାନ୍ତର ହୋଇଥିଲେ। ସୋମବାର ସେଠାରେ ତାଙ୍କର ମୃତ୍ୟୁ ହୋଇଥିବା ଓ ଏନେଇ ମାମଲା ରୁଜୁ ହୋଇ ତଦନ୍ତ ଚାଲିଥିବା ସଦର ଥାନା ଏସ୍ଆଇ ନଟବର ନନ୍ଦ କହିଛନ୍ତି।

### ଡ୍ୟାମ୍ ନିକଟରୁ ମହିଳାଙ୍କ ମୃତଦେହ ଉଦ୍ଧାର

**କୋରାପୁଟ,୨୨।୧୦(ସ୍ୱ.ପ୍ର.):** କୋରାପୁଟ ସଦର ଥାନା ଡଙ୍ଗରି ଗ୍ରାମ ନିକଟରେ ଥିବା ଜଳଭଣ୍ଡାର ନିକଟରୁ ଜଣେ ମହିଳାଙ୍କ ମୃତଦେହ ଉଦ୍ଧାର କରାଯାଇଛି। ମୃତକ ହେଲେ ଡଙ୍ଗରୀ ଗ୍ରାମର ରତାଇ ସାଉନ୍ତା (୪୫)। ଗତ ୨୦ ତାରିଖ ରାତିରୁ ସେ ଘର ଛାଡ଼ି କେଉଁଆଡ଼େ ପଳାଇ ଯାଇଥିଲେ। ତେବେ ଅତ୍ୟଧିକ ମଦ ପିଇବା ଯୋଗୁଁ ତାଙ୍କର ମୃତ୍ୟୁ ହୋଇଥିବା ସନ୍ଦେହ କରାଯାଉଛି। ସଦର ଥାନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କୋରାପୁଟ ମେଡିକାଲ କଲେଜ ପଠାଇବା ସହ ଅପମୃତ୍ୟୁ ମାମଲା ରୁଜୁ କରିଛି।

### ବାଣାୟତ ସମାଜ ସଭାପତିଙ୍କୁ ସମ୍ବର୍ଦ୍ଧନା



**ସେମିଳିଗୁଡ଼ା,୨୨।୧୦(ସ୍ୱ.ପ୍ର.):** ନିଖିଳ ଓଡ଼ିଶା ବାଣାୟତ ଓଡ଼ିଆ ସମାଜ ଆନୁକୂଲ୍ୟରେ ଅନୁଷ୍ଠିତ ବାର୍ଷିକ ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ଅବିଭକ୍ତ କୋରାପୁଟ ଜିଲାରୁ ୨୦୦ରୁ ଉର୍ଦ୍ଧ୍ୱ ବାଣାୟତ ଓଡ଼ିଆ ସଦସ୍ୟ ଯୋଗ ଦେଇଛନ୍ତି। ଏଥିରେ ବାଣାୟତ ଓଡ଼ିଆ ସମାଜର କାର୍ଯ୍ୟ ଠିକ୍ ଭାବରେ ତୁଲାଇଥିବା ନେଇ ଅଜିତ କୁମାର ପୃଷ୍ଟିଙ୍କୁ ସମାଜ ପକ୍ଷରୁ ମାନପତ୍ର ଦିଆଯାଇଛି। ମୁଖ୍ୟ ଅତିଥି ରାଜ୍ୟ କାର୍ଯ୍ୟକାରିଣୀ ସଭାପତି ଗନ୍ଧର୍ବ ପ୍ରଧାନ ପ୍ରଦୀପ ପ୍ରଜ୍ଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ଭାବେ କେବିକେ ଜିଲା ସମାଜ ସଭାପତି ରଜନୀ କୁମାର ପ୍ରଧାନ ଯୋଗ ଦେଇଥିଲେ। ଉଦୟନାଥ ପ୍ରଧାନ, ଅନ୍ତର୍ଯ୍ୟାମୀ ବିଶ୍ୱାଳ, ଉପଦେଷ୍ଟା ପ୍ରଫୁଲ୍ଲ ସାହୁ, ବିଜୟ ପରିଡ଼ା, ପ୍ରଶାନ୍ତ ବିଶୋୟୀ. ଭାସ୍କର ପ୍ରଧାନ, ପଦ୍ମଚରଣ ସ୍ୱାଇଁ, ସନ୍ତୋଷ ବଡ଼େଇ, ଚିତ୍ରସେନ ପଲାଇ, ରବିନାରାୟଣ ବରାଡ଼, ଲିଙ୍ଗରାଜ ସ୍ୱାଇଁ, ମଦନ ପ୍ରଧାନ, ଶରତ ଜେନାଙ୍କ ଉପସ୍ଥିତିରେ ଏକ ଆବାହକ କମିଟି ଗଠନ କରାଯାଇଥିଲା। ପୁରୁଷୋତ୍ତମ ଜେନା, କେଶବ ଚନ୍ଦ୍ର ସ୍ୱାଇଁ, ପ୍ରତାପ ଚନ୍ଦ୍ର ଖଟାଇ, ଶ୍ରୀନିବାସ ପଲାଇ, ପୁରୁଷୋତ୍ତମ ପ୍ରଧାନ, କାହ୍ନୁଚରଣ ଖଟେଇ, ସଞ୍ଜୟ କୁମାର ପରିଡ଼ା, ଧରମା ପ୍ରଧାନ, କୁଲିଆ ପ୍ରଧାନ, କୈଳାସ ପ୍ରଧାନ ଏଥିରେ ଯୋଗ ଦେଇଥିଲେ।

# ଅସ୍ଥାୟୀ ପୋଲ ତିଆରି କଲେ ଗାଁଲୋକେ

## ୭ ଖଣ୍ଡ ଗାଁକୁ ଯାତାୟାତ ସହଜ ହେବ

**ଦଶମନ୍ତପୁର,୨୨।୧୦(ଡି.ଏନ୍.ଏ.)**

ଦଶମନ୍ତପୁର ବ୍ଲକ ଗିର୍ଲିଗୁମ୍ମା ପଞ୍ଚାୟତ ଅଧୀନସ୍ଥ ଫୁଣ୍ଡାଗୁଡ଼ା ଗ୍ରାମରେ ପ୍ରବାହିତ ହେଉଛି ପୁଡ଼ୁ ନଦୀ। ଏହି ନଦୀ ଉପରେ ଏଯାବତ୍ ପୋଲି ଖଣ୍ଡିଏ ନିର୍ମାଣ ହୋଇ ନଥିବାରୁ ଯାତାୟତରେ ଲୋକେ ନାହିଁ ନଥିବା ଦୁର୍ଦ୍ଦଶା ଭୋଗୁଛନ୍ତି। ପ୍ରଶାସନ ଓ ରାଜନେତାଙ୍କ ପାଖରେ ଲିଖିତ ଓ ମୌଖିକ ଆବେଦନ କରି ନିରାଶ ହେବା ପରେ ସେମାନେ ବାଧହୋଇ ନିଜେ ଅସ୍ଥାୟୀ ପୋଲ ନିର୍ମାଣ କରିଛନ୍ତି।

ଫୁଣ୍ଡାଗୁଡ଼ା ଗାଁରେ ବାସ କରନ୍ତି ୩୫ ଘର। ଉକ୍ତ ଗ୍ରାମ ଦେଇ ଥିବା ରାସ୍ତା ଉପରେ ଭଣ୍ଡିସିଲ, ଡେଙ୍ଗାଗୁଡ଼ା, କାଳିଆମ୍ବ, ଗୁଗାନ, କୋସ୍‌କଟା, ମାମଲା ଭଳି ୭ ଖଣ୍ଡ ଗ୍ରାମବାସୀ ନିର୍ଭର କରିଥାନ୍ତି। ଗର୍ଭବତୀ ଓ ପ୍ରସୂତି କିମ୍ବା ରୋଗୀ ହୁଅନ୍ତୁ, ଚିକିତ୍ସାଳୟକୁ ନେବା ପାଇଁ ହେଲେ ୧୦୦ ମିଟର ଓସାରର ପୁଡ଼ୁ ନଦୀ ଅତିକ୍ରମ କରିବାକୁ ପଡ଼େ। ଏହି ନଦୀରେ ଅନେକ ଗୃହପାଳିତ ପ୍ରାଣୀ ଭାସିଯାଇଥିବା ବେଳେ ପ୍ରାୟ ୨ରୁ ୪ ଜଣ ସ୍ଥାନୀୟ ବାସିନ୍ଦାଙ୍କ ଜୀବନ ମଧ୍ୟ ଯାଇଛି। ୨୦୧୫ରେ ୨ ଜଣଙ୍କ ଜୀବନ ଯାଇଥିବା ବେଳେ ୨୦୧୬ରେ ସଙ୍ଗାବାଡ଼ ଗ୍ରାମର କେବଶ ଦିଶାରୀ ମଧ୍ୟ ଏହି ନଦୀରେ ଜୀବନ ହରାଇଥିଲେ। ସେହିପରି ଅଗଷ୍ଟରେ ନବୀନ ବିଶୋଇଙ୍କ ସ୍ତ୍ରୀ ନାଇନା ଗର୍ଭ ଯନ୍ତ୍ରଣାରେ ଛଟପଟ ହୋଇ ନଦୀ ପାର ହେଉଥିବା ବେଳେ କୂଳରେ ପ୍ରସବ କରିଥିଲେ ଓ ତାଙ୍କର ମୃତ ଶିଶୁ ଜନ୍ମ ହୋଇଥିଲା। ଏଭଳି ଘଟଣା ସେତେବେଳେ ଚର୍ଚ୍ଚାର ବିଷୟ ପାଲଟିଥିଲା। ତଥାପି ଏହା ପ୍ରଶାସନର ଆଖିକୁ ଆସିଲା ନାହିଁ ବୋଲି ପଦ୍ମନ ବିଶୋଇ, ମହାଦେବ ବିଶୋଇ, ଲାଲାମଣି ମାଣ୍ଡିଙ୍ଗି, ହରିଶ୍ଚନ୍ଦ୍ର ବିଶୋଇ, ଲବ ବିଶୋଇଙ୍କ ସମେତ ଅଞ୍ଚଳବାସୀ କ୍ଷୋଭର ସହ ଜଣାଇଛନ୍ତି। ଏହି



ଗ୍ରାମବାସୀ ଅସ୍ଥାୟୀ ପୋଲ ତିଆରି କରୁଛନ୍ତି।

### ଶୁଣିଲାନି ପ୍ରଶାସନ

କାରଣରୁ ବାଧହୋଇ ଗ୍ରାମବାସୀ ନିଜ ଉଦ୍ୟମରେ କାଠ ଓ ବାଉଁଶରେ ଅସ୍ଥାୟୀ ପୋଲ ନିର୍ମାଣ କରିବା ଲାଗି ବୈଠକରେ ନିଷ୍ପତ୍ତି ନେଇ ଅଣ୍ଟା ଭିଡ଼ିଲେ। ଏହି ପୋଲ ନିର୍ମାଣ ହେବା ପରେ ଏହାଦେଇ ଗାଁକୁ କୌଣସି ରାଜନେତାଙ୍କୁ ନିର୍ବାଚନ ବେଳେ ପଶିବାକୁ ଦେବୁନାହିଁ ଏବଂ ଭୋଟ୍ ବର୍ଜନ କରିବୁ ବୋଲି ସେମାନେ ଚେତାବନୀ ମଧ୍ୟ ଦେଇଛନ୍ତି। ପିଣ୍ଡାପଦର ପଞ୍ଚାୟତର ଲୋରେଶ ଗ୍ରାମବାସୀ ଗତ ୪ଟି ନିର୍ବାଚନରେ ଭୋଟ୍ ବର୍ଜନ କରିଆସୁଛନ୍ତି। ଆମ ଗ୍ରାମକୁ ପିଏମ୍‌ଜିଏସ୍‌ୱାଇ ଯୋଜନାରେ ସାମିଲ ନ କରିବା ପର୍ଯ୍ୟନ୍ତ ଆମେ ମଧ୍ୟ ଭୋଟ୍ ଦେବୁନାହିଁ ବୋଲି କହିଛନ୍ତି ୭ ଖଣ୍ଡ ଗ୍ରାମବାସୀ।

■ କାର୍ ଲୁଟ୍ ମାମଲାରେ ୪ ଗିରଫ

# ନାଏବ ସରପଞ୍ଚଙ୍କ ସ୍ୱାମୀଙ୍କ ସହ ୨ ବିଜେଡି ନେତା ସାମିଲ

**ଜୟପୁର,୨୨।୧୦(ଡି.ଏନ୍.ଏ./ନି.ପ୍ର.)**

ଜୟପୁର ସଦର ଥାନା କାର୍ ଲୁଟ୍ ମାମଲାରେ ୪ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ସ୍ଥାନୀୟ ବାରିଣିପୁଟ ଗ୍ରାମର ଦୈତାରୀ ଖରା ଓରଫ ଜେମ୍ସ (୩୦), ବାବୁଲି ପାଙ୍ଗି (୩୦), ଉପେନ୍ଦ୍ର ଖୋସ୍ଲା ଓରଫ କାଳିଆ (୩୦), ଜି. ଧର୍ମାରାଓ (୨୫)। ଅଭିଯୁକ୍ତ ବାବୁଲି ବିଜେଡି ପଞ୍ଚାୟତ ସଭାପତି, ଉପେନ୍ଦ୍ର ଦଳର ସଂପାଦକ ଏବଂ ଦୈତାରୀ ନାଏବ ସରପଞ୍ଚଙ୍କ ସ୍ୱାମୀ ଅଟନ୍ତି।

ଗତ ରବିବାର ରାତିରେ ପଡ଼ୋଶୀ ଛତିଶଗଡ଼ର ଜଗଦଲପୁର ସହରର ସୁଜନ ସରକାର ନିଜ କାର୍ (ସିଜି୧୭ କେଇ ୮୬୮୯)ରେ ଯାତ୍ରୀଙ୍କୁ ଭଡ଼ାରେ ନେଇ ରାୟଗଡ଼ାରେ ଛାଡ଼ିଥିଲେ। ସେଠାରୁ ଜୟପୁର ଫେରିବାବେଳେ କାର୍‌ରେ କେତେକ ଯାତ୍ରୀ ବାରିଣିପୁଟ ଆସିଥିଲେ। ସେମାନଙ୍କୁ ଛାଡ଼ିବା ପରେ ରାତି ହୋଇଯାଇଥିବା ଯୋଗୁଁ ବାରିଣିପୁଟ ଛକରେ କାର୍ ଅଟକାଇ ଗାଡ଼ି ଭିତରେ ଶୋଇପଡ଼ିଥିଲେ ସୁଜନ। ରାତି ସାଢ଼େ ୧୧ଟାରେ ଉପରୋକ୍ତ ୪ ଜଣ ଅଭିଯୁକ୍ତ ସୁଜନଙ୍କୁ ନିଦରୁ ଉଠାଇ ଗାଡ଼ି ଡୋର୍ ଖୋଲିବାକୁ କହିଥିଲେ। ଡୋର୍ ଖୋଲିବା ମାତ୍ରେ ସେମାନେ ତାଙ୍କୁ ମାଡ଼ ମାରି କାର୍ ଓ ମୋବାଇଲ ଛଡ଼ାଇ ସେଠାରୁ ଫେରାର ହୋଇଯାଇଥିଲେ। ସୁଜନ ଏନେଇ ଥାନାରେ ଏତଲା ଦେଇଥିଲେ। ପୋଲିସ ତୁରନ୍ତ ତଦନ୍ତ ଆରମ୍ଭ କରି ସେହିଦିନ ରାତିରେ ଅଭିଯୁକ୍ତ ଦୈତାରୀଙ୍କୁ ସନ୍ଦେହରେ କାବୁ କରିଥିଲା। ପଚରାଉଚରା ବେଳେ ଦୈତାରୀ ଅନ୍ୟ ୩ ଅଭିଯୁକ୍ତଙ୍କ ନାମ ପ୍ରକାଶ କରିଥିଲେ। ଏହାପରେ ପୋଲିସ ଅନ୍ୟ ସମସ୍ତଙ୍କୁ ଗିରଫ କରି ସେମାନଙ୍କଠାରୁ କାର୍ ଓ ୫ଟି ମୋବାଇଲ ଜବତ କରିଥିଲା। ଏମାନଙ୍କ ନାମରେ କେସ୍ ନଂ ୧୭୪/୧୮ରେ ମାମଲା ରୁଜୁ କରି ଗିରଫ ପରେ କୋର୍ଟ ଚାଲାଣ କରାଯାଇଥିବା ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ପ୍ରତ୍ୟୁଷ ଦିବାକର ଓ ଥାନା ଅଧିକାରୀ କୈଳାସ ସେଠୀ ସୂଚନା ଦେଇଛନ୍ତି।



ଗିରଫ ୪ ଅଭିଯୁକ୍ତ।

# ବିଜୁ ଗାଁ ଗାଡ଼ି ଦାବିକଲେ ୨୦ ଗ୍ରାମବାସୀ

**କୋରାପୁଟ,୨୨।୧୦(ସ୍ୱ.ପ୍ର.)**

କୋରାପୁଟ ସଦରରୁ ଦଶମନ୍ତପୁର ବ୍ଲକ ଫଣ୍ଡସ ଗ୍ରାମ ଯାଏଁ ବିଜୁ ଗାଁ ଗାଡ଼ି ଚଳାଇବା ଦାବିକରି ସୋମବାର ୨୦ରୁ ଉର୍ଦ୍ଧ୍ୱ ଗ୍ରାମର ଶତାଧିକ ଗ୍ରାମବାସୀ ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି। ଏନେଇ ଜିଲାପାଳଙ୍କୁ ଦାବିପତ୍ର ଦିଆଯାଇଛି। ଦଶମନ୍ତପୁର ବ୍ଲକ ପାଇକ ଫୁଲବେଡ଼ା ପଞ୍ଚାୟତର ମଇନାମାଳ, ଓଡ଼ପୁର, ଝିଲିକିବେଡ଼ା, ବାଉଁଶଗୁଡ଼ା, ହାତୀମୁଣ୍ଡା, ଫୁଲବେଡ଼ା ଓ ପଣ୍ଡସ ଆଦି ୨୦ରୁ ଉର୍ଦ୍ଧ୍ୱ ଗ୍ରାମକୁ ଯିବା ଆସିବା ପାଇଁ କୌଣସି ମାଧ୍ୟମ ନାହିଁ। ତେଣୁ ଲୋକେ ବହୁତ ଅସୁବିଧା ଭୋଗୁଛନ୍ତି। ଗ୍ରାମବାସୀ ଶିକ୍ଷା, ସ୍ୱାସ୍ଥ୍ୟ ସେବା ଉଚିତ୍ ଭାବେ ପାଇପାରୁ ନାହାନ୍ତି। କୌଣସି କାମରେ କୋରାପୁଟ ଆସିବାକୁ ହେଲେ୨ଶହ ଟଙ୍କା ଅଟୋ ଭଡ଼ା ଦେବାକୁ ପଡୁଛି। ତେଣୁ ଏହି ଅଞ୍ଚଳକୁ ବିଜୁ ଗାଁ ଗାଡ଼ି ଚଳାଚଳ କରିବା ପାଇଁ ପାଇକ ଫୁଲବେଡ଼ା ପଞ୍ଚାୟତର ସମିତି ସଭ୍ୟ ମହେଶ୍ୱର ଗାଦବାଙ୍କ ନେତୃତ୍ୱରେ ସୁବାସ ସାଗରଙ୍କ ସମେତ ଶତାଧିକ ଗ୍ରାମବାସୀ ସୋମବାର ଅପରାହ୍ନରେ ଜିଲାପାଳଙ୍କଙ୍କୁ ଦାବିପତ୍ର ଦେଇଛନ୍ତି। ଏହାର ନକଲ ଆଞ୍ଚଳିକ ପରିବହନ ଅଧିକାରୀଙ୍କୁ ମଧ୍ୟ ଦିଆଯାଇଛି।



ପ୍ରଶାସନକୁ ଭେଟିବାକୁ ଆସିଥିବା ଗ୍ରାମବାସୀ।

### ବିଦ୍ୟାନୁ ଆତ୍ମାନନ୍ଦଙ୍କ ଜନ୍ମୋତ୍ସବ ପାଳିତ

**ପଦ୍ମପୁର, ୨୨।୧୦ (ଡି.ଏନ୍.ଏ.)**

ପଦ୍ମପୁର ବ୍ଲକ ମୁଟିକିପଦରସ୍ଥିତ ବିଶ୍ୱବୈଦିକ ପରିବାର ପକ୍ଷରୁ ଅନୁଷ୍ଠାନର ସ୍ଥାୟୀ ଯଜ୍ଞଶାଳାଠାରେ ପ୍ରତିଷ୍ଠାତା ବୈଦିକ ବିଦ୍ୟାନୁ ଆତ୍ମାନନ୍ଦଙ୍କ ୭୪ତମ ଜନ୍ମୋତ୍ସବ ଦିବସ ଦୁଇଦିନ ଧରି ପାଳିତ ହୋଇଯାଇଛି। ପ୍ରଥମ ଦିବସରେ ଆମ୍ବାବାଡ଼ି ଗ୍ରାମର ରାଜେନ୍ଦ୍ର ଶବରଙ୍କ ଦୁଇପୁତ୍ରଙ୍କ ବ୍ରତୋପନୟନ ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନର ପରିଚାଳକ ବିମଳେନ୍ଦୁ ପାଢ଼ୀଙ୍କ ପୌରୋହିତ୍ୟରେ ସମୂହ ସନ୍ଧ୍ୟା ଉପାସନା ଏବଂ ବୈଦିକ ଭଜନ କାର୍ଯ୍ୟକ୍ରମ କରାଯାଇଥିଲା। ଦ୍ୱିତୀୟ ଦିବସରେ ଯୋଗ ଓ ପ୍ରାଣାୟମ ଶିକ୍ଷା ଦିଆଯାଇଥିଲା। ବେଦପାଠ, ନଗରକୀର୍ତ୍ତନ, ବୈଦିକ ଭଜନ ଆଦି କାର୍ଯ୍ୟକ୍ରମ କରାଯାଇଥିଲା।

### ଜିଲା କାର୍ଯ୍ୟକାରିଣୀ ବୈଠକ

# ୨୭, ୨୮ରେ ବ୍ଲକ ଘେରିବ ଭାଜପା



କାର୍ଯ୍ୟକାରିଣୀ ବୈଠକରେ ମଞ୍ଚାସୀନ ଭାଜପା ନେତୃବୃନ୍ଦ।

**କୋରାପୁଟ,୨୨।୧୦(ସ୍ୱ.ପ୍ର.)**

ସ୍ଥାନୀୟ ଟାଉନ ହଲରେ ସୋମବାର କୋରାପୁଟ ଜିଲା ଭାଜପାର କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଛି। ଆସନ୍ତା ସାଧାରଣ ନିର୍ବାଚନ ପାଇଁ ଜିଲାର ସମସ୍ତ ବୁଥ୍‌ରେ ବୁଥ୍ କମିଟି ଗଠନ କାର୍ଯ୍ୟ ଶେଷ କରିବା ସହ ସ୍ଥାନୀୟ ସମସ୍ୟା ନେଇ ଜିଲାର ୧୪ଟି ବ୍ଲକ କାର୍ଯ୍ୟାଳୟ ଘେରାଉ କରିବା ଉପରେ ଆଲୋଚନା କରାଯାଇଛି। ଭାଜପା ଜିଲା ସଭାପତି ବିଜୟ ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ଜିଲା ପ୍ରଭାରୀ ସୁକାନ୍ତ ପାଣିଗ୍ରାହୀ ଯୋଗ ଦେଇଥିଲେ। ୨୭ ଓ ୨୮ ତାରିଖରେ ସ୍ଥାନୀୟ ସମସ୍ୟା ନେଇ ଜିଲାର ସମସ୍ତ ବ୍ଲକ ଘେରିବ ଭାଜପା। ଏହାକୁ ସଫଳ କରିବା ପାଇଁ ବ୍ଲକ ଓ ପୌରାଞ୍ଚଳ ସଭାପତି ଓ ସଂପାଦକମାନଙ୍କୁ ପରାମର୍ଶ ଦିଆଯାଇଥିଲା। ଜିଲା ଭାଜପା ସଭାପତିଙ୍କ ସମେତ ସମସ୍ତ ନେତା ଓ କର୍ମୀ ନିଜ କାର୍ଯ୍ୟଦକ୍ଷତାର ପ୍ରମାଣ ଦେବାକୁ ଜିଲା ପ୍ରଭାରି ଆହ୍ୱାନ ଦେଇଥିଲେ । ଏହି ବୈଠକରେ ପୂର୍ବତନ ଏମ୍‌ପି ଜୟରାମ ପାଙ୍ଗି, ଜିଲା ସାଧାରଣ ସଂପାଦକ ଭଗବାନ ପେଟିଆ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦେବେନ୍ଦ୍ର ମହାନ୍ତି, ଯୁବନେତା ହରି ଖେମୁଣ୍ଡୁ, ଅନୁପ ପାତ୍ର, ବିଜୁ ଜେନା ଦେଓ, ଘନଶ୍ୟାମ ଟାକ୍ରି, ଅଶ୍ୱିନୀ ପଟ୍ଟନାୟକ, ସନ୍ତୋଷ ଦାଶ, ସିଦ୍ଧାର୍ଥ ମୁଦୁଲି, ନକୁଳ ବିଶୋଇ, ଜୟନ୍ତ୍ରୀ ବିଶ୍ୱାସ, ପଦ୍ମିନୀ ହୋତାଙ୍କ ସମେତ ୩୩ଟି ମଣ୍ଡଳର ସଦସ୍ୟ ଉପସ୍ଥିତ ଥିଲେ ।

# ସୋସିଆଲ ମିଡିଆରେ ଦାବି: ଶହୀଦ ମାଟି ପାଇଁ ଶହେ କୋଟି

**କୋରାପୁଟ,୨୨।୧୦(ସ୍ୱ.ପ୍ର.)**

### ଅଭିନବ ଅଭିଯାନ

କୋରାପୁଟ ଜିଲାର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଶହୀଦ ଲକ୍ଷ୍ମଣ ନାୟକ ନିଜ ଗ୍ରାମ ତେନ୍ତୁଳିଗୁମ୍ମା ଅବହେଳିତ ରହିଥିବା ଦର୍ଶାଇ ଏହି ଗ୍ରାମର ଉନ୍ନତି ପାଇଁ ଶହେ କୋଟି ଟଙ୍କା ଅର୍ଥ ପ୍ରଦାନ କରାଯାଉ। ଫେସବୁକ ଓ ଟ୍ୱିଟର ପରି ସାମାଜିକ ଗଣମାଧ୍ୟମରେ ଯୁବକମାନେ ଏଭଳି ଏକ ଅଭିଯାନ ଆରମ୍ଭ କରିଛନ୍ତି। କାର୍ଡ ବୋର୍ଡ ଧରି ଅର୍ଥ ପ୍ରଦାନ କରିବାକୁ ରାଜ୍ୟ ସରକାର ଓ କେନ୍ଦ୍ର ସରକାରଙ୍କୁ ଏକମାସ ପର୍ଯ୍ୟନ୍ତ ନିବେଦନ କରାଯିବ ବୋଲି ଅଭିମନ୍ୟୁ ରଗାଡି ଫେସବୁକରେ ପୋଷ୍ଟ କରିଛନ୍ତି। ଖଗେଶ ବେହେରା ମୁଖ୍ୟମନ୍ତ୍ରୀ ଓ କୋରାପୁଟ ଜିଲାପାଳଙ୍କ ଟୁଇଟର ଆକାଉଣ୍ଟରେ ମଧ୍ୟ ଏନେଇ



ନିବେଦନ କରିଥିବାବେଳେ ପଦ୍ମନ ଗୌଡ଼ ପିଏମ୍‌ଓ ଇଣ୍ଡିଆ ଓ କେନ୍ଦ୍ରମନ୍ତ୍ରୀଙ୍କ ଟୁଇଟର ଆକାଉଣ୍ଟରେ ପୋଷ୍ଟକରି ନିବେଦନ ଜଣାଇଛନ୍ତି। ସାମାଜିକ ଗଣମାଧ୍ୟମ ଜରିଆରେ ଏଭଳି ଦାବି ଜଣାଇବା କୋରାପୁଟ ଜିଲା ଅଞ୍ଚଳ ପାଇଁ ପ୍ରଥମ ହୋଇଥିବାବେଳେ ଯୁବକମାନଙ୍କ ଏଭଳି ଉଦ୍ୟମକୁ ବୁଦ୍ଧିଜୀବୀ ମହଲା ପ୍ରଶଂସା କରିଛନ୍ତି। ତେବେ ସରକାର ସ୍ୱାଧୀନତା ସଂଗ୍ରାମୀ ତଥା ଆଦିବାସୀ ନେତା ଲକ୍ଷ୍ମଣ ନାୟକଙ୍କ ଗ୍ରାମର ଉନ୍ନତିପାଇଁ ଏଭଳି ଅଭିନବ ଉପାୟରେ ହୋଇଥିବା ଦାବିକୁ କିପରି ଗ୍ରହଣ କରୁଛନ୍ତି, ତାହା ଦେଖିବାକୁ ବାକି ରହିଲା।

# ପରବ ପାଇଁ ଜୋରଦାର୍ ହେଉଛି ପ୍ରସ୍ତୁତି

**ପଟ୍ଟାଙ୍ଗି,୨୨।୧୦(ଡି.ଏନ୍.ଏ.)**

କୋରାପୁଟ ଜିଲାର ପାରମ୍ପରିକ ଲୋକ ଉତ୍ସବ 'ପରବ' ପାଇଁ ପ୍ରଶାସନ ତତ୍ପର ହୋଇପଡ଼ିଛି। ଏନେଇ ପ୍ରସ୍ତୁତି ଜୋରଦାର୍ କରାଯିବା ସହ ବୈଠକ ପରେ ବୈଠକ ବସୁଛି। କୋଟିଆ ପଞ୍ଚାୟତ ସୁନା ପାହାଡ଼ରୁ ପରବର ଶୁଭାରମ୍ଭ ହେବ। ଏହି ନିଷ୍ପତ୍ତି ପରଠାରୁ ପଟ୍ଟାଙ୍ଗି ବ୍ଲକ କାର୍ଯ୍ୟାଳୟ ମଧ୍ୟ ଏହି ପ୍ରସ୍ତୁତି ପ୍ରକ୍ରିୟାରେ ସକ୍ରିୟ ରହିଛି।

ସୋମବାର ସ୍ଥାନୀୟ ଗୋଷ୍ଠୀ ଉନ୍ନୟନ ଅଧିକାରୀ କରୁଣାକର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଏଫଆଇସି ସଭାଗୃହରେ ପରବ ମହୋତ୍ସବ ଲାଗି ବିଭିନ୍ନ କମିଟି ଗଠନ କରିବାକୁ ବୈଠକ ଡକାଯାଇଥିଲା। ସାଜସଜ୍ଜାଠାରୁ ଆରମ୍ଭ କରି ଅତିଥି ଚର୍ଚ୍ଚା ସମେତ ଖାଦ୍ୟ ଯୋଗାଣ ପାଇଁ କମିଟି ଗଠନ କରାଯାଇଥିଲା। ବିଧାୟକ ପ୍ରଫୁଲ୍ଲ କୁମାର ପାଙ୍ଗି ମଧ୍ୟ ବୈଠକରେ ପହଞ୍ଚିଥିଲେ। ପରବର ଶୁଭାରମ୍ଭ କାର୍ଯ୍ୟକ୍ରମରେ ତିନୋଟି ମଶାଲ ପ୍ରସ୍ତୁତ କରାଯାଇ ଆୟୋଜିତ ସଭାମଞ୍ଚ ନିକଟରେ ରଖାଯିବ। ପଞ୍ଚାୟତ ସଦର ସ୍ଥିତ ଚର୍ଚ୍ଚ, ଜଗନ୍ନାଥ ମନ୍ଦିର ଓ ସୁନା ପାହାଡ଼ ନିକଟରୁ ଏହି ୩ଟି ମଶାଲ ବାହାରି ମୁଖ୍ୟ ମଶାଲ ନିକଟରେ ପହଞ୍ଚିବ। ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଥିବା ରାଜୀବ ଗାନ୍ଧୀ ସେବାକେନ୍ଦ୍ରରେ ଅତିଥି ଅଭ୍ୟାଗତଙ୍କ ଖାଦ୍ୟ ବ୍ୟବସ୍ଥା କରାଯିବ। ଶିଶୁ ବିକାଶ ବିଭାଗ ସମେତ ଓଏଲଏମ ଏବଂ ମହିଳା ସଙ୍ଗଠନ, ବିଜୁ ଯୁବ ବାହିନୀ ଦାୟିତ୍ୱ ତୁଲାଇବେ। ଏହି କମିଟି ଗଠନ ବୈଠକରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ଜଗତଜ୍ୟାତି ପାଙ୍ଗି, କୋଟିଆ ପଞ୍ଚାୟତରେ ନୂତନ କରି ଯୋଗ ଦେଇଥିବା ଡାକ୍ତର ପବିତ୍ର କୁମାର ପଣ୍ଡା, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପଦ୍ମନାଭ ତ୍ରିପାଠୀ, ସହକାରୀ ଯନ୍ତ୍ରୀ ରାଧେଶ୍ୟାମ ମେହେର ଓ ବିଏସଏସଓ ସୌଦାମିନୀ ପ୍ରଧାନ ଉପସ୍ଥିତ ଥିଲେ।



ବୈଠକରେ ବିଡ଼ିଓ ଓ ସ୍ଥାନୀୟ ବିଧାୟକ।

# ରୋଗୀଙ୍କ ପାଇଁ ଧାର୍ଯ୍ୟହେଲା ଅଟୋ ଭଡ଼ା

**ଜୟପୁର,୨୨।୧୦(ନି.ପ୍ର./ଡି.ଏନ୍.ଏ.)**

ଜୟପୁର ଉପଜିଲାପାଳ କାର୍ଯ୍ୟାଳୟରେ ଅଟୋଭଡ଼ା ହ୍ରାସ ପାଇଁ ପ୍ରଶାସନିକ ବୈଠକ ଅନୁଷ୍ଠିତ ହୋଇଛି। ଉପଜିଲାପାଳ ଲୋକନାଥ ଦଳବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଏଡିଏମ୍‌ଓ କାଳିପ୍ରସାଦ ବେହେରା, ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ସଞ୍ଜୟ ଆଚାର୍ଯ୍ୟ, ଟାଉନ ଥାନା ଅଧିକାରୀ ବାଲେଶ୍ୱର ଗିଧି, ଡିପିଆରଓ ଜଗନ୍ନାଥ ପ୍ରସାଦ ରାୟଗୁରୁ, ଏସ୍‌ଡିପିଆରଓ ପୀତବାସ ବିଶ୍ୱାଳ ଯୋଗ ଦେଇଥିଲେ।

ଜିଲା ଚିକିତ୍ସାଳୟ ଫୁଲବାଡ଼ରେ କାର୍ଯ୍ୟକାରୀ ହୋଇଛି ସତ; କିନ୍ତୁ ଜୟପୁର ବାସିନ୍ଦା ଚିକିତ୍ସାଳୟକୁ ଯିବା ପାଇଁ ପୁରୁଣା ବସଷ୍ଟାଣ୍ଡରୁ ପ୍ରାୟ ୫ କିମି ଦୂର। ସହରର ଅଟୋ ଚାଳକ ମନଇଚ୍ଛା ଭଡ଼ା ନେବା ସହ ଖରାପ ବ୍ୟବହାର କରୁଛନ୍ତି। ଏଭଳି ଅଭିଯୋଗ ମିଳିବା ପରେ ପ୍ରଶାସନ ଅଟୋସଂଘ କର୍ମକର୍ତ୍ତା, ଘରୋଇ ବସ୍ ମାଲିକ ସଂଘ, ଚାମ୍ବର ଅଫ କମର୍ସ, ନାଗରିକ କମିଟି ସଦସ୍ୟ, ସଚେତନ ନାଗରିକ କମିଟି ସଦସ୍ୟଙ୍କୁ ନେଇ ବୈଠକ କରିଥିଲା। ଟାଉନ ଥାନାରେ ସମସ୍ତ ଅଟୋର ପଞ୍ଜିକରଣ, ଅଟୋର କାଗଜପତ୍ର ଠିକ୍ ରଖିବା, ରୋଗୀ ଓ ସେମାନଙ୍କ ସମ୍ପର୍କୀୟଙ୍କୁ ଠିକ୍ ବ୍ୟବହାର କରିବା ପାଇଁ ଏଥିରେ ତାଗିଦ୍ କରାଯାଇଥିଲା। ଚିକିତ୍ସାଳୟକୁ ରୋଗୀ ନେବା ଆଣିବା ପାଇଁ ଭଡ଼ା ଧାର୍ଯ୍ୟ ହୋଇଥିଲା। ଅଟୋରେ ୬ ଜଣଙ୍କଠାରୁ ଅଧିକ ଯାତ୍ରୀ ନ ବସାଇବା, ପୁରୁଣା ବସ୍‌ଷ୍ଟାଣ୍ଡରୁ ଜିଲା ଚିକିତ୍ସାଳୟକୁ ସେୟାରିଂ ଅଟୋରେ ଜଣକ ପିଛା ୧୦ ଟଙ୍କା, ରିଜର୍ଭ କଲେ ୬୦ ଟଙ୍କା ଭଡ଼ା ସ୍ଥିର କରାଯାଇଛି। ସହରର କୋଣ ଅନୁକୋଣରୁ ରୋଗୀ ଓ ସମ୍ପର୍କୀୟଙ୍କୁ ଚିକିତ୍ସାଳୟ ନେବା ପାଇଁ ୮୦ ଟଙ୍କା ଧାର୍ଯ୍ୟ ହୋଇଛି। ରାତିରେ ମଧ୍ୟ ସମାନ ଦର ଲାଗୁ ହେବ। ଏହାଠାରୁ ଅଧିକ ଭଡ଼ା ନେଲେ ପ୍ରଶାସନ କାର୍ଯ୍ୟାନୁଷ୍ଠାନ ନେବ। ୮ ଦିନ ତର୍ଜମା ପରେ କୌଣସି ସୁଧାର ନଆସିଲେ ସିଟି ବସ୍ ଚଳାଇବା ପାଇଁ ଚରମ ବାଣୀ ଶୁଣାଇଛି ପ୍ରଶାସନ। ପୁରୁଣା ବସଷ୍ଟାଣ୍ଡରୁ ଚିକିତ୍ସାଳୟ ପର୍ଯ୍ୟନ୍ତ ରୋଗୀଙ୍କଠାରୁ କୌଣସି ଭଡ଼ା ନେବନାହିଁ ବୋଲି ଘରୋଇ ବସ୍ ମାଲିକ ସଂଘ ଜଣାଇଛି। ଜିଲା ଚିକିତ୍ସାଳୟ ନିକଟରେ ଅଟୋ ଷ୍ଟାଣ୍ଡ ଦେବା ପାଇ ସଂଘ ଦାବି କରିଥିବା ବେଳେ ଜିଲାପାଳଙ୍କ ସହ ଆଲୋଚନା ପରେ ପଦକ୍ଷେପ ନିଆଯିବ ବୋଲି ଏଡିଏମ୍‌ଓ ବେହେରା କହିଛନ୍ତି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ନାଗରିକ ରାମକୃଷ୍ଣ ସାହୁ, ଡା. ସୁରେଶ ଦାସ, ଭି. ପ୍ରଭାକର, ଶକ୍ତିପ୍ରସାଦ ଷଡ଼ଙ୍ଗୀ ଉପସ୍ଥିତ ଥିଲେ।

### ବୈଠକରେ ନିଷ୍ପତ୍ତି

- ■ ଅଧିକ ହେଲେ କାର୍ଯ୍ୟାନୁଷ୍ଠାନ ନେବ ପ୍ରଶାସନ
- ■ ସୁଧାର ନଆସିଲେ ଚାଲିବ ଟାଉନ ବସ୍
- ■ ରୋଗୀଙ୍କଠୁ ଭଡ଼ା ନେବନି ବସ୍ ମାଲିକ ସଂଘ
- ■ ମେଡିକାଲରେ ଷ୍ଟାଣ୍ଡ ଦାବିକଲା ଅଟୋ ମାଲିକ ସଂଘ



## ସଂକ୍ଷେପରେ

### ରାସ୍ତା ପାର୍ଶ୍ୱକୁ ଓଲଟିଲା ରିଲିଫ ଟ୍ରକ୍



କାଶୀନଗର, ୨୨।୧୦(ଡି.ଏନ୍.ଏ.) ଗଜପତି ଜିଲା କାଶୀନଗର ଥାନା ଅନ୍ତର୍ଗତ ଆପାଲୁ ନାଇଡୁ ପେଟା ଗ୍ରାମ ନିକଟ ମୁଖ୍ୟ ରାସ୍ତା ପାର୍ଶ୍ୱରେ ସୋମବାର ଏକ ଗୋଖାଦ୍ୟ ବୋଝେଇ ରିଲିଫ ଟ୍ରକ ଓଲଟି ପଡ଼ିଛି। ବନ୍ୟା ଓ ବାତ୍ୟା ପ୍ରଭାବିତ ଅଞ୍ଚଳର ଗୋରୁଙ୍କ ପାଇଁ ଏଥିରେ ଗୋଖାଦ୍ୟ ନିଆଯାଉଥିଲା। ଏହି ଟ୍ରକ (ନଂ. ଓଡି ୦୫-ଏମ୍ ୫୭୭୧) କାଶୀନଗରଠାରୁ ରାଣୀପେଣ୍ଠା ଅଭିମୁଖେ ଯାଉଥିବା ବେଳେ କଇଠପଦର-ଆର୍.ସୀତାପୁର ରାସ୍ତା ମଝିରେ ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ଫଳରେ ଗାଡ଼ି ସମ୍ମୁଖ ଭାଗର କିଛି ଅଂଶ କ୍ଷତିଗ୍ରସ୍ତ ହୋଇଛି। ଏଥିସହ ଡ୍ରାଇଭର ସାମାନ୍ୟ ଆହତ ହୋଇଛନ୍ତି। ଖବର ପାଇ କାଶୀନଗର ଥାନା ଅଧିକାରୀ ଆନନ୍ଦ ଚନ୍ଦ୍ର ପାତ୍ର ସଦଳବଳ ପହଞ୍ଚି ଦୁର୍ଘଟଣା ସମ୍ପର୍କରେ ତଦନ୍ତ କରିବା ସହ ଟ୍ରକରୁ ଗୋଖାଦ୍ୟ ବସ୍ତାଗୁଡ଼ିକ ବାହାର କରି ଅନ୍ୟ ଏକ ଗାଡ଼ିରେ ଗନ୍ତବ୍ୟସ୍ଥଳକୁ ପଠାଇବାର ବ୍ୟବସ୍ଥା କରିଥିଲେ।

### ଏନ୍‌କାଉଣ୍ଟରରେ ଆହତ କାଳୁ ବିଶ୍ୱାଳ ଗିରଫ

ଆସିକା,୨୨।୧୦(ଡି.ଏନ୍.ଏ)- ଆସିକା-ବାଲିପଦର ମୁଖ୍ୟ ରାସ୍ତାର ଚାରିମଇଲି ଛକ ନିକଟରେ ଅଗଷ୍ଟ ୯ରେ ପୋଲିସ ଏନ୍‌କାଉଣ୍ଟରରେ ଜଣେ ଦୁର୍ଦ୍ଦାନ୍ତ ଅପରାଧୀ କାଳୁ ବିଶ୍ୱାଳ ଗୁରୁତର ହୋଇ ବ୍ରହ୍ମପୁର ବଡ଼ ମେଡିକାଲରେ ଚିକିତ୍ସାଧିନ ଥିଲେ। କାଳୁ ସୁସ୍ଥ ହେବା ପରେ ତାଙ୍କୁ ଗିରଫ କରାଯାଇ ସୋମବାର ଅପରାହ୍ନରେ କୋର୍ଟଚାଲାଣ କରାଯାଇଥିବା ଥାନା ଅଧିକାରୀ ସନ୍ତୋଷ କୁମାର ଜେନା ସୂଚନା ଦେଇଛନ୍ତି।

## ବିରୋଧୀ ଦଳ ନେତାଙ୍କ ଗଙ୍ଗାବାଡ଼ ବାତ୍ୟାଞ୍ଚଳ ପରିଦର୍ଶନ

# 'ରିଲିଫ ପାଉନାହାନ୍ତି ବିପନ୍ନ'

ପାରଳାଖେମୁଣ୍ଡି/ରାୟଗଡ଼ ୨୨।୧୦(ସ୍ୱ.ପ୍ର./ଡି.ଏନ.ଏ)

ବାତ୍ୟା 'ତିତ୍‌ଲି' ଦ୍ୱାରା ଗଜପତି ଜିଲାରେ ବ୍ୟାପକ କ୍ଷୟକ୍ଷତି ଘଟିଛି। ବିଶେଷକରି ରାୟଗଡ ବ୍ଲକ ସବୁଠୁ ଅଧିକ ପ୍ରଭାବିତ ହୋଇଛି। ବାତ୍ୟାର ୧୨ଦିନ ପରେ ବି ଏଠାକାର ଅବସ୍ଥା ସୁଧୁରିନି। ବିଦ୍ୟୁତ, ପାନୀୟଜଳ ଯୋଗାଣ ଓ ଗମନାଗମନ ବ୍ୟବସ୍ଥା ସ୍ୱାଭାବିକ ହୋଇପାରିନାହିଁ। ଅନେକ ବିପନ୍ନ ଏବେ ବି ରିଲିଫ ପାଇପାରିନାହାନ୍ତି ବୋଲି ବିରୋଧୀ ଦଳ ନେତା ନରସିଂହ ମିଶ୍ର କହିଛନ୍ତି। ଏଥିପାଇଁ ସେ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଛନ୍ତି। ସୋମବାର ବିରୋଧୀ ଦଳ ନେତା ମିଶ୍ରଙ୍କ ସମେତ ଏଆଇସିସିର ଓଡ଼ିଶା ପ୍ରଭାରୀ ଜିତେନ୍ଦ୍ର ସିଂ ଏବଂ ରାଜ୍ୟ କଂଗ୍ରେସ କାର୍ଯ୍ୟକାରୀ ସଭାପତି ପ୍ରଦୀପ ମାଝୀ ରାୟଗଡ଼ ବ୍ଲକ ଗସ୍ତକରି ବାରଘର, ଗଙ୍ଗାବାଡ, ଚମ୍ପାପୁର, କଇଁପୁର ଆଦି ବିଭିନ୍ନ ଅଞ୍ଚଳ ପରିଦର୍ଶନ କରିଛନ୍ତି। ସେମାନେ ବିପନ୍ନମାନଙ୍କୁ ଭେଟି ରିଲିଫ ବଣ୍ଟନ, ସରକାରୀ ସହାୟତା ପ୍ରଦାନ, ପାନୀୟଜଳ ଯୋଗାଣ, ସ୍ୱାସ୍ଥ୍ୟ ଓ ବିଦ୍ୟୁତ ସେବା ଇତ୍ୟାଦି ବିଷୟରେ ପଚାରି ବୁଝିଛନ୍ତି। ଏହି ସବୁ ଅଞ୍ଚଳରେ ବିପନ୍ନମାନଙ୍କୁ କିପରି ଅଧିକ ଅନୁକମ୍ପା ସହାୟତା ପ୍ରଦାନ କରାଯିବ ସେନେଇ କଂଗ୍ରେସ ପକ୍ଷରୁ ଉଦ୍ୟମ କରାଯିବ ବୋଲି ଏହି ବରିଷ୍ଠ ନେତା ଦ୍ୱୟ କହିଛନ୍ତି। ମୁଖ୍ୟତଃ ବାରଘର ଗ୍ରାମରେ ଝଡ଼ବର୍ଷାରେ ଯେଉଁମାନେ ପ୍ରାଣ ହରାଇଛନ୍ତି ସେମାନଙ୍କ ପରିବାରକୁ କଂଗ୍ରେସ ପକ୍ଷରୁ ଗଭୀର ସମବେଦନା ଜ୍ଞାପନ କରାଯାଇଛି। ଚମ୍ପାପୁରଠାରେ ନିର୍ମିତ ହେଲିପ୍ୟାଡରେ ବିରୋଧୀ ଦଳ ନେତା ଓ ଏଆଇସିସିର ରାଜ୍ୟ ପ୍ରଭାରୀ ଅବତରଣ କରିବା ପରେ ଜିଲା କଂଗ୍ରେସ ପକ୍ଷରୁ ପାରଳାଖେମୁଣ୍ଡି ବିଧାୟକ କେ.ସୂରିୟା ରାଓ, ବରିଷ୍ଠ ନେତା ଦାଶରଥି ଗମାଙ୍ଗ, ତିରୁପତି ପାଣିଗ୍ରାହୀ ପ୍ରମୁଖ ସେମାନଙ୍କୁ ସ୍ୱାଗତ କରିଥିଲେ । ଏହି ଅବସରରେ ଜିଲା କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।



ଜଣେ ଗ୍ରାମବାସୀଙ୍କ ସହ ବିରୋଧୀ ଦଳ ନେତା ନରସିଂହ ମିଶ୍ର ଏବଂ ଅନ୍ୟମାନେ ଆଲୋଚନା କରୁଛନ୍ତି।

## କୋରକୋଣ୍ଡାରେ ସ୍ୱାସ୍ଥ୍ୟସେବା ଶିବିର

# ୧୩୨ ରୋଗୀଙ୍କୁ ଚିକିତ୍ସା ପରେ ଔଷଧ ବଣ୍ଟନ

କୋରୁକୋଣ୍ଡା ,୨୨।୧୦

ମାଲକାନଗିରି ଜିଲା କୋରୁକୋଣ୍ଡା ସଦର ମହକୁମାରେ ସୋମବାର ଏକ ସ୍ୱାସ୍ଥ୍ୟ ସେବା ଶିବିର ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମକୁ ବିଧାୟକ ମାନସ ମାଡକାମି ଉଦ୍‌ଘାଟନ କରିଥିଲେ। ଶିବିରରେ ବିଶାଖାପାଟଣାରୁ ଆସିଥିବା ଡାକ୍ତର ଶ୍ରୀଧର ବିଶୋୟୀ ଓ ପୂର୍ଣ୍ଣଚନ୍ଦ୍ର ଦଳେଇ ୧୩୨ ଜଣ ରୋଗୀଙ୍କ ଶାରୀରିକ ପରୀକ୍ଷା କରିଥିଲେ। ପରେ ବିଭିନ୍ନ ରୋଗରେ ଆକ୍ରାନ୍ତ ରୋଗୀଙ୍କୁ ମାଗଣାରେ ଔଷଧ ବିତରଣ କରାଯାଇଥିଲା । କୋରୁକୋଣ୍ଡା ସରପଞ୍ଚ ବଂଶୀଧର ମୁଦୁଲି, ପୂର୍ବତନ ପୌରାଧକ୍ଷ ଧନୁର୍ଜୟ ମାଡକାମି ଶିବିର ପରିଚାଳନା କରିଥିଲେ । ଶିବିରକୁ ଚିନାମ୍ ଶୋଭାକର ରାଓ, ଗଲେ ବିଜୟ ରାଜୁ , ମୋହନ କୁମାର ପାଙ୍ଗି, ଲାଣ୍ଡା ମେଘା ସିଂ ପ୍ରମୁଖ ଆୟୋଜନ କରିଥିଲେ।



ବିଧାୟକ ମାନସ ମାଡକାମୀ ଶିବିରକୁ ଉଦଘାଟନ କରୁଛନ୍ତି ।

### ଅଜଣା ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର

ପାରଳାଖେମୁଣ୍ଡି, ୨୨।୧୦ (ସ୍ୱ.ପ୍ର.)

ଗଜପତି ଜିଲା ପାରଳାଖେମୁଣ୍ଡି ସହରର ମୁଖ୍ୟ ବଜାର ପରିସରସ୍ଥ ତ୍ରିନାଥ ମନ୍ଦିର ନିକଟରୁ ସୋମବାର ଜଣେ ଅଜଣା ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର ହୋଇଛି । ପାରଳାଖେମୁଣ୍ଡି ଥାନା ଉପନିରୀକ୍ଷକ ଜ୍ୟୋତିର୍ମୟୀ ଦାସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ । ମୃତକଙ୍କ ପରିଚୟ ଜଣାପଡ଼ି ନ ଥିବା ବେଳେ ବୟସ ପ୍ରାୟ ୬୦ବର୍ଷ ହେବ ବୋଲି ଅନୁମାନ କରାଯାଉଛି। ଏ ନେଇ ପାରଳାଖେମୁଣ୍ଡି ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ. ୧୯/୧୮) ରୁଜୁ ହୋଇଛି।

CHILD HEART CLINIC
CARE HOSPITALS BHUBANESWAR
Dr. K Nageswar Rao
MD ( Pediatric), DM (Cardiology), Fellowship - Pediatric Cardiology
Children's Hospital, Westmead, Sydney, Australia
Dr. Tapan Dash
Pediatric Cardiac Surgeon, CARE Hospitals, Hyderabad
Available for Consultations: 25th & 26th Oct. 2018, 10 AM Onwards
CARE Hospitals, Bhubaneswar
Patients may require device closures for ASD, VSD & PDA. For complex interventions like Neonatal Valvotomy, Stenting of the Duct, Closure of Abnormal Vessel (Coronary AV Fistula, Collaterals, etc.) and hybrid procedures like Periventricular Device Closure, register today.
CARE Hospitals: Bhubaneswar
Plot No. 324, Unit No. 42, Prachi Enclave, Chandrasekharpur, Bhubaneswar - 751016
For Appointment
1800 3000 10 10
0674-3021999

# ବିପନ୍ନଙ୍କୁ ସହାୟତାର ହାତ ବଢ଼ାଇଲା ସେଞ୍ଚୁରିଅନ ଟିମ୍





ସେଞ୍ଚୁରିଅନ ଟିମ୍ ପକ୍ଷରୁ ରାସ୍ତା ମରାମତି କରାଯାଉଛି ।

ପାରଳାଖେମୁଣ୍ଡି, ୨୨।୧୦(ସ୍ୱ.ପ୍ର.)–

ଗଜପତି ଜିଲା ରାୟଗଡ ବ୍ଲକର ବାତ୍ୟା ବିପନ୍ନମାନଙ୍କୁ ସେଞ୍ଚୁରିଅନ ବିଶ୍ୱବିଦ୍ୟାଳୟ ପକ୍ଷରୁ ବିଭିନ୍ନ ସହାୟତା ପ୍ରଦାନ କରାଯାଉଛି। ଲୋବା, ଏଙ୍ଗାରସିଂ, ଲକ୍ଷ୍ମୀପୁର, କେରାଣ୍ଡି, ଗଙ୍ଗାବାଡ ଇତ୍ୟାଦି ପଞ୍ଚାୟତରେ ରାସ୍ତା ସମସ୍ୟା ଯୋଗୁ ସରକାରୀ ସହାୟତା ଓ ରିଲିଫ ସାମଗ୍ରୀ ପହଞ୍ଚି ପାରୁନଥିବାବେଳେ ସେଞ୍ଚୁରିଅନ ବିଶ୍ୱବିଦ୍ୟାଳୟର ଏକ ଟିମ୍ ସେସବୁ ସ୍ଥାନକୁ ଯାଇ ସହାୟତା ଯୋଗାଇ ଦେଉଛନ୍ତି। ଏଥିସହ ରାସ୍ତା ମରାମତି କରି ଗମନାଗମନ ସୁବିଧା କରିବା ପରେ ରାଜସ୍ୱ ନିରୀକ୍ଷକ ଏବଂ ଅନ୍ୟ ସରକାରୀ ଅଧିକାରୀଙ୍କ ସହିତ ଯୋଗାଯୋଗ କରି ସରକାରୀ ସହାୟତା ଯଥା ଚାଉଳ, ପଲିଥିନ୍ ଇତ୍ୟାଦି ବାଣ୍ଟୁଛନ୍ତି। ଡାଲି, ପରିବା ଇତ୍ୟାଦି ରନ୍ଧନ ସାମଗ୍ରୀ ମଧ୍ୟ ଯୋଗାଇ ଦିଆଯାଉଛି। ବିଶ୍ୱବିଦ୍ୟାଳୟର ନିର୍ଦ୍ଦେଶକ ଡି.ଏନ୍.ରାଓଙ୍କ ନିର୍ଦ୍ଦେଶ କ୍ରମେ ବିଶ୍ୱବିଦ୍ୟାଳୟର ସାଧାରଣ ପରିଚାଳକ ରାମପ୍ରସାଦ ଦାସଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଚାଲିଥିବା ସୂଚନା ମିଳିଛି।

# ଶିକ୍ଷୟିତ୍ରୀଙ୍କୁ ଅସଦାଚରଣ ଅଭିଯୋଗ, ଜେଲ ଗଲେ ଶିକ୍ଷକ

ପାତ୍ରପୁର,୨୨।୧୦(ଡି.ଏନ୍.ଏ)

ଗଞ୍ଜାମ ଜିଲା ଜରଡା ଥାନା ଅଞ୍ଚଳର ଏକ ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀଙ୍କୁ ଜାତିଆଣ ଆକ୍ଷେପ ଓ ଅସଦାଚରଣ ଅଭିଯୋଗରେ ସୋମବାର ଜରଡା ପୋଲିସ ସେହି ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରକାଶ ଚନ୍ଦ୍ର ପାତ୍ରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଶିକ୍ଷକ ଜଣକ ଜାତିକୁ ଆକ୍ଷେପ କରି ଗାଳିଗୁଲଜ କରିବା ସହ ଟଣାଓଟଣା କରିଥିବା ଶିକ୍ଷୟିତ୍ରୀ ଜରଡା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୧୭୦/୧୮ରେ ଏକ ମାମଲା ରୁଜୁ କରି ଶିକ୍ଷକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଚିକିଟି ଏସ୍‌ଡିପିଓ ପ୍ରକାଶ ଚନ୍ଦ୍ର ଜେନା ସୂଚନା ଦେଇଛନ୍ତି।





### ବିବାହ ପାଇଁ ଜିଦ୍ କରିବାରୁ କଲେଜ ଛାତ୍ରୀଙ୍କୁ ହତ୍ୟା

ପାତ୍ରପୁର,୨୨।୧୦(ଡି.ଏନ୍.ଏ.)

ଗଞ୍ଜାମ ଜିଲା ଜରଡା ଥାନା ଖାରିଆଗୁଡା ପଞ୍ଚାୟତର ଏସ.ନୂଆଗାଁସ୍ଥିତ ଅଜା ଘରେ ରହି ପାଠ ପଢୁଥିବା ଜଣେ ଛାତ୍ରୀଙ୍କୁ ତାଙ୍କ ପ୍ରେମିକ ହତ୍ୟା କରିଛନ୍ତି। ଶନିବାର ହତ୍ୟାକାଣ୍ଡ ଘଟିଥିଲେ ମଧ୍ୟ ସୋମବାର ହତ୍ୟାକାରୀ ଜରଡା ଥାନାରେ ଆତ୍ମସମର୍ପଣ କରି ସବୁକଥା କହିବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି କୂଅରୁ ମୃତଦେହ ଜବତ କରିବା ସହ ନଂ.୧୭୪/୧୮ରେ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପ୍ରକାଶ ଯେ, ପୁରୀର ସୁଦାମ ବେହେରାଙ୍କ ଝିଅ ଭବାନୀ ଏସ୍.ନୂଆଗାଁସ୍ଥିତ ଅଜାଘରେ ରହି ଖାରିଆଗୁଡା କଲେଜରେ ପାଠ ପଢନ୍ତି। ଇତିମଧ୍ୟରେ ତାଙ୍କର କେଶପୁର ଗ୍ରାମର ଗୌତମଙ୍କ ସହ ପ୍ରେମ ସମ୍ପର୍କ ଗଢି ଉଠିଥିଲା। ଗୌତମ ପୂର୍ବରୁ ବିବାହ କରିଥିଲେ। ଗତ ଶନିବାର ଭବାନୀ କେଶପୁର ଯାଇ ଗୌତମଙ୍କୁ ଭେଟି ବିବାହ ପାଇଁ ଜିଦ୍ କରିଥିଲେ। ଏଥିରେ ରାଗିଯାଇ ଗୌତମ ଭବାନୀଙ୍କ ତଣ୍ଟିଚିପି ହତ୍ୟା କରିଥିଲେ। ପରେ ମୃତଦେହକୁ ଜରିଅଖାରେ ଭର୍ତ୍ତି କରି ସୁରଙ୍ଗି ଓ କେଶପୁର ମଧ୍ୟରେ ଥିବା ଏକ ପରିତ୍ୟକ୍ତ କୂଅରେ ଫିଙ୍ଗି ଦେଇଥିଲେ। ସୋମବାରର ପୂର୍ବାହ୍ନ ପ୍ରାୟ ସାଢେ ୧୧ଟାରେ ଜରଡା ଥାନାରେ ଆତ୍ମ ସମର୍ପଣ କରି ଗୌତମ ସବୁକଥା କହିବା ପରେ ଚିକିଟି ଏସ୍‌ଡିପିଓ ପ୍ରକାଶ ଚନ୍ଦ୍ର ଜେନା, ଆଇଆଇସି ଭବାନୀ ଶଙ୍କର ଖୁଣ୍ଟିଆ ସାଇଣ୍ଟିଫିକ ଟିମ୍ ସହ ଘଟଣାସ୍ଥଳକୁ ଯାଇ ମୃତଦେହ ଉଦ୍ଧାର କରି କରି ବ୍ୟବଛେଦ ପାଇଁ ପଠାଇ ତଦନ୍ତ ଆରମ୍ଭ କରିଛନ୍ତି। ମଙ୍ଗଳବାର ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯିବ ବୋଲି ଏସ୍‌ଡିପିଓ ଜେନା ସୂଚନା ଦେଇଛନ୍ତି।





Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ –ତଥାଗତ ସତପଥୀ

## ସଂକ୍ଷେପରେ

### 'ମୁଁ ହିରୋ, ମୁଁ ଓଡିଶା' କାର୍ଯ୍ୟକ୍ରମ

**କଲ୍ୟାଣସିଂହପୁର, ୨୨।୧୦ (ଡି.ଏନ୍.ଏ.):** ରାୟଗଡା ଜିଲା କଲ୍ୟାଣସିଂହପୁର ବ୍ଲକରେ ସୋମବାର ମୁଁ ହିରୋ ମୁଁ ଓଡିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ସ୍ଥାନୀୟ ବିଧାୟକ ଜଗନ୍ନାଥ ସାରକା, ସମ୍ମାନିତ ଅତିଥିଭାବେ ଯୋଜନା ବୋର୍ଡ ସଦସ୍ୟ ସୁଧୀର ଦାସ, ଖଦି ବୋର୍ଡ ସଦସ୍ୟ ପୃଥ୍ୱୀରାଜ ସାହୁ, ବିଡିଓ ଅନୁପ କୁମାର ପଣ୍ଡା, ଏବିଡିଓ ଭଗବାନ ଗୌଡ ଉପସ୍ଥିତ ଥିଲେ। ଯୁବ ଗୋଷ୍ଠୀଙ୍କୁ ସୁଦୃଢ କରିବା ପାଇଁ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବ୍ଲକର ୧୪ ପଞ୍ଚାୟତର ଯୁବକ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଦିବାସୀ ଉନ୍ନୟନ ପରିଷଦ ସଭାପତି ଜଗନାଥ ନୁଣ୍ଡ୍ରୁକା, ପଞ୍ଚାୟତ ସମିତି ଉପାଧକ୍ଷା ସୁମିତ୍ରା ପ୍ରେପକା ଉପସ୍ଥିତ ଥିଲେ।

### ଜୋର୍‌ସୋରରେ ଚାଲିଛି ଗଜଲକ୍ଷ୍ମୀ ପୂଜା ପ୍ରସ୍ତୁତି



**ଗୁଣପୁର,୨୨।୧୦(ଡି.ଏନ.ଏ):** ରାୟଗଡା ଜିଲା ଗୁଣପୁରଠାରେ ମା' ଗଜଲକ୍ଷ୍ମୀଙ୍କ ପୂଜା ପାଇଁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଆସନ୍ତା ବୁଧବାରଠାରୁ ମା'ଙ୍କ ପୂଜା ଆରମ୍ଭ ହେବ। ଚଳିତ ବର୍ଷ ମା'ଙ୍କ ପୂଜା ବୃନ୍ଦାବତି ନଗର ଏବଂ ବାବଲି ନଗର ପକ୍ଷରୁ ମିଳିତ ଭାବେ, ଷ୍ଟେଶନ ରୋଡ ଏବଂ ପୁରୁଣା ଗୁଣପୁର ପାଇକ ସାହିଠାରେ ପ୍ରଥମ ଥର କରି ପୂଜା ଆୟୋଜନ କରାଯାଉଛି। ସେହିପରି ମରାଠିଗୁଡାର ବ୍ଲକ ଅଫିସ ସମ୍ମୁଖ , ବ୍ରାହ୍ମଣସାହିଠାରେ ମଧ ମା'ଙ୍କ ପୂଜା ଆୟୋଜନ କରାଯାଇଛି। ସହରର ୫ଟି ସ୍ଥାନରେ ମା'ଙ୍କ ପୂଜା ଆୟୋଜନ ହୋଇଛି। ଏଥିଲାଗି ସମସ୍ତ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଁଞ୍ଚିଛି। ସୁନ୍ଦର ତୋରଣ ସହ ଆଲୋକମାଳାରେ ପୂଜା ମଣ୍ଡପଗୁଡିକୁ ସାଜସଜ୍ଜା କରାଯାଉଛି। ମରାଠିଗୁଡାଠାରେ ମା'ଙ୍କ ପୂଜା ୭ ଦିନ ବ୍ୟାପୀ ଅନୁଷ୍ଠିତ ହେବ। ଏଥିସହ ହ୍ୟାଣ୍ଡିକ୍ରାଫଟ ଏବଂ ହ୍ୟାଣ୍ଡଲୁମ ମେଳା ଚାଲିବ। ପ୍ରତ୍ୟେକ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ପୂଜା କମିଟିଗୁଡ଼ିକ ପକ୍ଷରୁ ପୂଜାକୁ ଆକର୍ଷଣ କରିବା ପାଇଁ ପ୍ରସ୍ତୁତି ଜୋର୍‌ସୋରରେ ଚାଲୁ ରହିଛି।

### ଜାତାପ ସମାଜ ବୈଠକ

**ଗୁଣପୁର,୨୨।୧୦(ଡି.ଏନ.ଏ):** ରାୟଗଡା ଜିଲା ଗୁଣପୁରଠାରେ ଜାତାପ ସମାଜର ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସେମାନଙ୍କର ରହିଥିବା ବିଭିନ୍ନ ସମସ୍ୟା ନେଇ ଆଲୋଚନା କରାଯାଇଥିଲା। ରବୀନ୍ଦ୍ର ପାଲକା, ହରିକୃଷ୍ଣ ମିନାକା, ରାମଚନ୍ଦ୍ର ମାଣ୍ଡାଙ୍ଗି, ବିଜୟ ପ୍ରସାଦ ଉଲାକା, ନରେନ୍ଦ୍ର ମିନାକା, ନବୀନ ପିପଲି, ପଦ୍ମନାଭ ଉଇକା, କାଣ୍ଡାଗିରି ସମେଶ୍ୱର ରାଓ ପ୍ରମୁଖ ଉପସ୍ଥିତ ରହି ଜାତାପମାନଙ୍କୁ କିପରି ଆଗକୁ ନିଆଯିବ ସେନେଇ ବ୍ୟାପକ ଆଲୋଚନା କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମ ପରିଚାଳନାରେ ଉଦୟଚନ୍ଦ୍ର ଉଲାକା ଓ ବୁଧଦେବ ମିନାକା ସହଯୋଗ କରିଥିଲେ। ଜାତିର ରହିଥିବା ଲୋକମାନଙ୍କୁ ସଂଗଠିତ କରାଯିବା ସହ ବିଭିନ୍ନ ସମସ୍ୟା ସମ୍ପର୍କରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯିବାକୁ ସ୍ଥିର କରାଯାଇଥିଲା।

### ତିତ୍‌ଲି କ୍ଷତିଗ୍ରସ୍ତଙ୍କ ତହସିଲ ଅଫିସ ଘେରାଉ

**ଗୁଣପୁର,୨୨।୧୦(ଡି.ଏନ.ଏ):** ରାୟଗଡା ଜିଲା ଗୁଣପୁର ବ୍ଲକ ଜଗନ୍ନାଥପୁର ପଞ୍ଚାୟତର ଲୋକମାନେ ତିତ୍‌ଲି ପ୍ରଭାବରେ କ୍ଷତିଗ୍ରସ୍ତ ହୋଇଥିବା ଏବଂ ସେମାନଙ୍କୁ କୌଣସି ସହାୟତା ମିଳି ନ ଥିବା ଅଭିଯୋଗ କରି ସୋମବାର ତହସିଲ ଅଫିସ ଘେରାଉ କରିଥିଲେ। ୩ ଘଣ୍ଟା ଧରି ସେଠାରେ ଉତ୍ତେଜନା ଦେଖାଦେଇଥିଲା। ପୋଲିସ ସେଠାରେ ପହଞ୍ଚି ଲୋକମାନଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା। ତହସିଲଦାର ନମ୍ରତା ମୋଦି ସେମାନଙ୍କୁ ସବୁ ପ୍ରକାର ସହାୟତା ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ତିତଲି ବାତ୍ୟା ପରେ ବିଭିନ୍ନ ସମୟରେ ସେଠାରେ ବ୍ୟାପକ କ୍ଷତିଗ୍ରସ୍ତ ହୋଇଥିବା ନେଇ ଅଭିଯୋଗ ହୋଇ ଆସୁଥିଲା।

# ଭାରରେ ବୁହା ହେଲେ ଗର୍ଭବତୀ, ରୋଗୀ

## ୧୧ କି.ମି ବୁହା ହୋଇଗଲେ ରୋଗୀ



ରୋଗୀଙ୍କୁ ଭାର ସାହାଯ୍ୟରେ ନିଆଯାଉଛି।

**କଲ୍ୟାଣସିଂହପୁର, ୨୨।୧୦(ଡ଼ି.ଏନ.ଏ)**

ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବାକୁ ନେଇ ସବୁବେଳେ ଚର୍ଚ୍ଚାରେ ରହି ଆସିଛି ରାୟଗଡ଼ା ଜିଲା କଲ୍ୟାଣସିଂହପୁର ବ୍ଲକ। ଠିକ ସମୟରେ ଆମ୍ବୁଲାନ୍ସ ନ ଆସିବାରୁ ଜଣେ ରୋଗୀଙ୍କୁ କମ୍ବଳରେ ଭାର କରି ପାହାଡ଼ ଓ ଜଙ୍ଗଲ ରାସ୍ତା ଦେଇ କଲ୍ୟାଣସିଂହପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ବର୍ତ୍ତମାନ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ଥିବା ଜଣାଯାଇଛି। ରାୟଗଡା ଜିଲା କଲ୍ୟାଣସିଂହପୁର ବ୍ଲକ୍ ପାରାମାଳି ଗ୍ରାମର ପୁଲୁକା ସିକ୍‌କା(୨୧) ଗତ ୪ ତାରିଖରୁ ଜ୍ୱରରେ ଆକ୍ରାନ୍ତ ହୋଇଥିଲେ। ସୋମବାର ସକାଳେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହୋଇ ପଡ଼ିଥିଲା। ପରିବାର ଲୋକେ ସଙ୍ଗେ ସଙ୍ଗେ ସ୍ଥାନୀୟ ଆଶାକର୍ମୀଙ୍କୁ ଜଣାଇଥିଲେ। ମୋବାଇଲ ନେଟୱାର୍କ ଲାଗୁଥିବା ଅଞ୍ଚଳକୁ ଆଶାକର୍ମୀ ଯାଇ ୧୦୮ ଆମ୍ବୁଲାନ୍ସକୁ ଫୋନ୍ କରିଥିଲେ। ହେଲେ ଆମ୍ବୁଲାନ୍ସ ଉପଲବ୍ଧ ନ ଥିବା ଏବଂ ଆସିବାରେ ବିଳମ୍ବ ହେବ ବୋଲି ତାଙ୍କୁ ସୂଚନା ମିଳିଥିଲା। ଏହାପରେ ଗ୍ରାମର ୪/୫ଜଣ ଯୁବକ ଏକ କମ୍ବଳରେ ପୁଲୁକାଙ୍କୁ ଭାର କରି ନିୟମଗିରି ପାହାଡ଼ ଜଙ୍ଗଲ ଦେଇ ଦୀର୍ଘ ୧୧କି.ମି ବାଟ ବୋହିବୋହି ଆଣି କଲ୍ୟାଣସିଂହପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ବର୍ତ୍ତମାନ ସେ ଚିକିତ୍ସାଧୀନ ଅଛନ୍ତି।

## ନଦୀ ପାର ହୋଇ ହସ୍ପିଟାଲରେ ପହଞ୍ଚିଲେ ଗର୍ଭବତୀ

ରାୟଗଡ଼ା ଅଫିସ,୨୨।୧୦

ଗାଁକୁ ରାସ୍ତା ନାହିଁ। ତେଣୁ ଭାର ସାହାଯ୍ୟରେ ବିପଜ୍ଜନକ ଭାବେ ଜଣେ ଗର୍ଭବତୀଙ୍କୁ ଅନ୍ଧାରରେ ନଦୀ ପାର କରି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ମହିଳା ଜଣକ ହସପିଟାଲରେ ଏକ ପୁତ୍ର ସନ୍ତାନ ଜନ୍ମ ଦେଇଛନ୍ତି। ଉଭୟ ମାଆ ଓ ଛୁଆ ସୁସ୍ଥ ଥିବା ଜଣାଯାଇଛି। ଏପରି ଏକ ଘଟଣା ଦେଖିବାକୁ ମିଳିଛି ରାୟଗଡ଼ା ବ୍ଲକ ତାଡ଼ମା ପଞ୍ଚାୟତ ସାରାପାଡ଼ି ଗ୍ରାମରେ। ରବିବାର ରାତିରେ ଗ୍ରାମର ହାକ କାଡ୍ରାକାଙ୍କ ଗର୍ଭ ଯନ୍ତ୍ରଣା ଆରମ୍ଭ ହୋଇଥିଲା। ହେଲେ ରାୟଗଡା ସହରଠାରୁ ୫କି.ମି ଦୂରରେ ଥିବା ଏହି ଗ୍ରାମକୁ ରାସ୍ତା ନାହିଁ। ତେଣୁ ହାକଙ୍କୁ ପରିବାର ଲୋକେ କିପରି ଚିକିତ୍ସା ନିମନ୍ତେ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେବେ ସେ ନେଇ ଚିନ୍ତାରେ ପଡିଥିଲେ। ଏହାପରେ ଗ୍ରାମର କିଛି ଯୁବକଙ୍କ ସହାୟତାରେ ତାଙ୍କୁ ଭାର ସାହାଯ୍ୟରେ ବୋହି ଅନ୍ଧାରରେ ବିପଦସଙ୍କୁଳ ଅବସ୍ଥାରେ ଝଞ୍ଜାବତୀ ନଦୀ ପାର କରି ଉକ୍ତଳମଣି ନଗର ଆଣିଥିଲେ। ସେଠାରୁ ରାତି ପ୍ରାୟ ୧୨ଟାରେ ଏକ ଅଟୋ ସାହାଯ୍ୟରେ ଜିଲା ମୁଖ୍ୟ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେ ଏକ ପୁତ୍ର ସନ୍ତାନ ଜନ୍ମ ଦେଇଥିଲେ।



ଶ୍ରମିକ ସଂଗଠନ ପକ୍ଷରୁ ଆୟୋଜିତ ବୈଠକରେ ଅଲୋଚନା କରାଯାଉଛି।

■ ଜେକେ କାଗଜକଳ ଶ୍ରମିକ ଅଶାନ୍ତି ଘଟଣା

# ଚୂଡାନ୍ତ ନିଷ୍ପତ୍ତି ପାଇଁ ୭ ଦିନ ସମୟ ମାଗିଲା ପ୍ରଶାସନ

**ଜେକେପୁର ୨୨।୧୦ (ଡି.ଏନ୍.ଏ.)**

ରାୟଗଡ଼ା ଜିଲା ଜେକେପୁର ଜେକେ କାଗଜକଳରେ ବିଭିନ୍ନ ଦାବି ନେଇ ଶ୍ରମିକ ଅଶାନ୍ତି ଲାଗି ରହିଛି। ଏହାର ସମାଧାନ ପାଇଁ ଜିଲା ପ୍ରଶାସନ ୭ ଦିନ ସମୟ ମାଗିଥିବା ଶ୍ରମିକ ନେତା ଚନ୍ଦନା ହରେନ୍ଦ୍ରନାଥ ପ୍ରକାଶ କରିଛନ୍ତି। ରବିବାର କୁମୁଟିପେଣ୍ଠ ପଞ୍ଚାୟତ ସଦରଠାରେ ଆୟୋଜିତ ଶ୍ରମିକ ସଂଘ ବୈଠକରେ ହରେନ୍ଦ୍ର ନାଥ କହିଛନ୍ତି ଯେ, ଶ୍ରମିକ ସଙ୍ଗଠନର ବିଭିନ୍ନ ଦାବି ନେଇ କାଗଜକଳ କର୍ତ୍ତୃପକ୍ଷଙ୍କ ସହ ଯେଉଁ ବିବାଦ ଲାଗି ରହିଥିଲା, ସେଥିରେ ଜିଲା ପ୍ରଶାସନ ହସ୍ତକ୍ଷେପ କରି ସମାଧାନର ବାଟ ବାହାର କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲା। ତେବେ ଧାର୍ଯ୍ୟ ସମୟ ବିତି ଯାଇଥିଲେ ମଧ୍ୟ ପ୍ରଶାସନ କୌଣସି ପଦକ୍ଷେପ ନେଉ ନାହାନ୍ତି। ତେଣୁ ଶ୍ରମିକ ସଙ୍ଗଠନ ତରଫରୁ ଜିଲା ଆରକ୍ଷୀ ଅଧୀକ୍ଷକ ରାହୁଲ ପି.ଆର.ଙ୍କୁ ଗତ ୧୦ ତାରିଖରେ ଭେଟି ଘଟଣା ସମ୍ପର୍କରେ ଜଣାଇଥିଲେ। ପରେ ଗତ ରବିବାର ସହକାରୀ ଶ୍ରମ ଆୟୁକ୍ତ ପ୍ରଶାନ୍ତ ତ୍ରିପାଠୀଙ୍କୁ ଶ୍ରମିକ ନେତା ସାକ୍ଷାତ କରିଥିଲେ। ୭ ଦିନ ପରେ ଉଭୟପକ୍ଷଙ୍କୁ ଜିଲା ପ୍ରଶାସନ ତରଫରୁ ଡକାଯାଇ ସମସ୍ୟାର ଚୂଡାନ୍ତ ସମାଧାନ କରାଯିବ ବୋଲି ଉଭୟେ ପ୍ରତିଶ୍ରୁତି ଦେଇଥିବା ସେ କହିଛନ୍ତି। ଏହି ବୈଠକରେ ସିଆଇଆଇୟୁ ରାଜ୍ୟ ସମ୍ପାଦକ ବିଷ୍ଣୁ ମହାନ୍ତି, .ଶ୍ରମିକ ନେତା ସୀତାରାମ ପେଦେଣ୍ଟି, ଗଙ୍ଗା ମୂଲାକା ପ୍ରମୁଖ ଉପସ୍ଥିତ ଥିଲେ।

# ଝାଡାବାନ୍ତିରେ ୭ ଆକ୍ରାନ୍ତ



ଆକ୍ରାନ୍ତମାନେ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି।

**ରାୟଗଡା ଅଫିସ୍, ୨୨।୧୦**

ରାୟଗଡା ଜିଲାର ବିଭିନ୍ନ ଅଞ୍ଚଳରେ ଝାଡ଼ାବାନ୍ତି ବ୍ୟାପିବାରେ ଲାଗିଛି। ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ପ୍ରାୟ ୭ ଜଣ ରାୟଗଡା ଜିଲା ମୁଖ୍ୟ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି। ସେମାନଙ୍କ ମଧ୍ୟରୁ ଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଉଚ୍ଚ ଚିକିତ୍ସା ନିମନ୍ତେ ସୋମବାର ସକାଳେ କୋରାପୁଟସ୍ଥିତ ଶହୀଦ୍ ଲକ୍ଷ୍ମଣ ନାୟକ ମେଡିକାଲ୍ କଲେଜକୁ ସ୍ଥାନାନ୍ତର କରାଯାଇଛି। ଆକ୍ରାନ୍ତମାନେ ହେଲେ ରାୟଗଡା ବ୍ଲକ୍ କଉପେଟା ପଞ୍ଚାୟତ କୁଲୁଞ୍ଜିଙ୍ଗ ଗ୍ରାମର ଆନନ୍ଦ ଭାତ୍ରିଆ, ତାଙ୍କ ପତ୍ନୀ ଗଙ୍ଗାମା ଭାତ୍ରିଆ ଏବଂ ଝିଅ ସନ୍ତୋଷୀ ଭାତ୍ରିଆ, କୋଲନରା ବ୍ଲକ୍ ଥେରୁବାଲି ପଞ୍ଚାୟତ ଗୁନାଖାଲ ଗ୍ରାମର ସଦାରାମ ପାଲକା, ରାୟଗଡା ସହର ରାଣୀଗୁଡାଫାର୍ମ ଅଞ୍ଚଳର ସେକ୍ ଫେରୁନୁସା ବେଗମ, ହରିଜନ ସାହିର କମଳାକାନ୍ତ ପାଲକା ଓ ବସନ୍ତ ବାତ୍ରିଆ। ବସନ୍ତଙ୍କ ଅବସ୍ଥା ଗୁରୁତର ରହିଛି। ଚିକିତ୍ସିତ ହେଉଥିବା ରୋଗୀମାନଙ୍କ ସ୍ୱାସ୍ଥ୍ୟାବସ୍ଥା ସୁଧୁରିଥିବା ଜଣାପଡିଛି। ତେବେ କେଉଁ କାରଣରୁ ଅଲଗା ଅଲଗା ଅଞ୍ଚଳରୁ ହଠାତ୍ ଲୋକଙ୍କୁ ଝାଡ଼ାବାନ୍ତି ବ୍ୟାପିଲା ତାହା ସ୍ପଷ୍ଟ ହୋଇପାରିନାହିଁ। ତେଣୁ ସ୍ୱାସ୍ଥ୍ୟ ବିଭାଗ ତୁରନ୍ତ ଏ ଦିଗରେ ପଦକ୍ଷେପ ଗ୍ରହଣ କରି ଆକ୍ରାନ୍ତ ଗାଁଗୁଡିକୁ ଡାକ୍ତରୀ ଦଳ ପଠାଇବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ବିଦ୍ୟାନୁ ଆତ୍ମାନନ୍ଦଙ୍କ ଜନ୍ମୋତ୍ସବ ପାଳିତ

**ପଦ୍ମପୁର, ୨୨।୧୦ (ଡି.ଏନ୍.ଏ.)**

ପଦ୍ମପୁର ବ୍ଲକ ମୁଚିକିପଦରସ୍ଥିତ ବିଶ୍ୱବୈଦିକ ପରିବାର ପକ୍ଷରୁ ଅନୁଷ୍ଠାନର ସ୍ଥାୟୀ ଯଜ୍ଞଶାଳାଠାରେ ପ୍ରତିଷ୍ଠାତା ବୈଦିକ ବିଦ୍ୟାନୁ ଆତ୍ମାନନ୍ଦଙ୍କ ୭୪ତମ ଜନ୍ମୋତ୍ସବ ଦିବସ ଦୁଇଦିନ ଧରି ପାଳିତ ହୋଇଯାଇଛି। ପ୍ରଥମ ଦିବସରେ ଆମ୍ବାବାଡ଼ି ଗ୍ରାମର ରାଜେନ୍ଦ୍ର ଶବରଙ୍କ ଦୁଇପୁତ୍ରଙ୍କ ବ୍ରତୋପନୟନ ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନର ପରିଚାଳକ ବିମଳେନ୍ଦୁ ପାଢ଼ୀଙ୍କ ପୌରୋହିତ୍ୟରେ ସମୂହ ସନ୍ଧ୍ୟା ଉପାସନା ଏବଂ ବୈଦିକ ଭଜନ କାର୍ଯ୍ୟକ୍ରମ କରାଯାଇଥିଲା। ଦ୍ୱିତୀୟ ଦିବସରେ ଯୋଗ ଓ ପ୍ରାଣାୟମ ଶିକ୍ଷା ଦିଆଯାଇଥିଲା। ଏଥିସହ ବେଦପାଠ, ନଗରକୀର୍ତ୍ତନ, ସଂଘର ଓମ୍‌ଧ୍ୱଜା ଉତ୍ତୋଳନ, ବୈଦିକ ଭଜନ ଆଦି କାର୍ଯ୍ୟକ୍ରମ କରାଯାଇଥିଲା। ଓଡ଼ିଶା ଓ ଆନ୍ଧ୍ରରୁ ୫ ଶହରୁ ଉର୍ଦ୍ଧ୍ୱ ସାଧକ ଓ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଦ୍ୱିତୀୟ ଦିନରେ ପଞ୍ଚମହାଯଜ୍ଞର ପୌରୋହିତ୍ୟ କରିଥିଲେ ଆତ୍ମାନନ୍ଦଜୀ। ଅନୁଷ୍ଠାନର ସମ୍ପାଦକ ଏମ୍ ଭେଙ୍କଟ ରାଓ, ପ୍ରଣବ ପଟ୍ଟନାୟକ, ଶ୍ରୀନିବାସ ପଟ୍ଟନାୟକ, ସୁଜନ ଗୌଡ଼, କୁମାରୀ ପୂଜା, କଳ୍ପନା, ଭାସ୍କର ମାଲେଡି, ଗୌତମ ମାଣ୍ଡାଙ୍ଗି, କମଳାକାନ୍ତ ପଟ୍ଟନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଯୁବବର୍ଗଙ୍କୁ ନିଯୁକ୍ତି ଦାବିରେ ଦାବିପତ୍ର



ବ୍ଲକ ଭାଜପା ଯୁବ ମୋର୍ଚ୍ଚା ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଛି।

**ମୁନିଗୁଡ଼ା,୨୨।୧୦(ଡ଼ି.ଏନ.ଏ)**

ରାୟଗଡ଼ା ଜିଲାର ମୁନିଗୁଡ଼ା ତହସିଲ କାର୍ଯ୍ୟାଳୟରେ ସୋମବାର ବ୍ଲକ ଭାଜପା ଯୁବ ମୋର୍ଚ୍ଚା ପକ୍ଷରୁ ଯୁବଗୋଷ୍ଠୀଙ୍କୁ ନିଯୁକ୍ତି ଓ ରୋଜଗାରକ୍ଷମ କରାଇବା ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ତହସିଲଦାରଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଯୁବମୋର୍ଚ୍ଚା ସଭାପତି ନରେନ୍ଦ୍ର ନାଗଙ୍କ ନେତୃତ୍ୱରେ ୫୦ରୁ ଊର୍ଦ୍ଧ୍ୱ କର୍ମୀ ସମ୍ମିଳିତ ହୋଇ ଉକ୍ତ ଦାବିପତ୍ର ପ୍ରଦାନ କରିଥିଲେ। ବିଜେଡ଼ି ସରକାର ଯୁବ ଗୋଷ୍ଠୀଙ୍କ ଆଶା ଆକାଂକ୍ଷା ପୂରଣ କରିବା ଦିଗରେ ସମ୍ପୂର୍ଣ୍ଣ ବିଫଳ। ଉକ୍ତ ସମସ୍ୟାର ସମାଧାନ ପନ୍ଥା ବାହାର ନ କଲେ ଯୁବମୋର୍ଚ୍ଚା ତରଫରୁ ରାଜ୍ୟବ୍ୟାପୀ ଆନ୍ଦୋଳନ କରିବାକୁ ଚେତାବନୀ ଦିଆଯାଇଛି। ବିଜୁ ବାବୁଙ୍କ ସମୟରେ ରାଜ୍ୟରେ ପ୍ରତିଷ୍ଠିତ ୧୪୭ଟି ଶିଳ୍ପ ସମବାୟ ସମିତି ମଧ୍ୟରୁ ଏବେ ୧୩୨ଟି ବନ୍ଦ ଅବସ୍ଥାରେ ଥିଲା ବେଳେ ସରକାର ବୁଝାମଣାପତ୍ର ସ୍ୱାକ୍ଷର, ମେକଇନ୍ ଓଡ଼ିଶା କନକ୍ଲେଭର ଡ୍ରାମା କରି ଚାଲିଛନ୍ତି। କୃଷି ଓ ଆନୁଷଙ୍ଗିକ ଶିଳ୍ପ ବିପର୍ଯ୍ୟସ୍ତ। ପର୍ଯ୍ୟଟନ ଶିଳ୍ପ ସ୍ୱପ୍ନ ରହିଛି। କାମଧନ୍ଦା ଅଭାବରୁ ଯୁବଗୋଷ୍ଠୀ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯିବା ପାଇଁ ବାଧ୍ୟ ହେଉଛନ୍ତି ବୋଲି ଅଭିଯୋଗ କରିଛନ୍ତି। ଏହି ଅବସରରେ ପଞ୍ଚାନନ ସାହୁ, ଅଜୟ ନାଗ, ପି.ସନ୍ତୋଷ କୁମାର, ଜି.ସନ୍ତୋଷ, ଦିଲୀପ ପଟ୍ଟନାୟକ, କିଶୋର ବେହେରା, ଶୀତେଶ ପାଣିଗ୍ରାହୀ, ସୁଶୀଲଚାନ୍ଦ ବେହେରା, ଜି.ଏ. ରାବଣା, ଜଳନ୍ଧର ବେହେରା, ପି.ରାମ ବାବୁ, ମଧୁ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।



ପ୍ରିନ୍ସ ଡ୍ୟାନ୍ସ ଗ୍ରୁପ୍‌ର କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି।

# ପ୍ରିନ୍ସ ଡ୍ୟାନ୍ସ ଗ୍ରୁପର ତାଳେ ତାଳେ ଝୁମିଲେ ଦର୍ଶକ

**ଜେକେପୁର,୨୨।୧୦(ଡ଼ି.ଏନ.ଏ)**

ରାୟଗଡ଼ା ଜିଲା ଜେକେପୁରରେ ଦଶହରା ଅବସରରେ ଆୟୋଜିତ ସାଂସ୍କୃତିକ ଉତ୍ସବର ୪ର୍ଥ ସନ୍ଧ୍ୟାରେ ପ୍ରିନ୍ସଡ୍ୟାନ୍ସ ଗ୍ରୁପର ତାଳେ ତାଳେ ଝୁମିଲେ ଦର୍ଶକ। ଜେକେ କାଗଜ କଳ ଦ୍ୱାରା ଆୟୋଜିତ ଏହି ଉତ୍ସବରେ ରାୟଗଡ଼ା ଏସଡିପିଓ ରାଜକିଶୋର ଦାସ ମୁଖ୍ୟଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଜେକେ କାଗଜକଳ କାର୍ଯ୍ୟନିର୍ବାହୀ ଉପସଭାପତି ପବନ କୁମାର ସୁରୀ ଓ ମହିଳା ମୋର୍ଚ୍ଚା ସଭାନେତ୍ରୀ ବେଲା ପୁରୀ ଉପସ୍ଥିତ ଥିଲେ। ସୋମବାର ଏମ ଟିଭି ଫେମ ସୋନମ ଦାସ ଓ ଶଶାଙ୍କ ଶେଖରଙ୍କ ଦ୍ୱାରା ସଙ୍ଗୀତ ଓ ନୃତ୍ୟ ପରିବେଷଣ କରାଯାଇଥିଲା। ମଙ୍ଗଳବାର ଓଲିଉଡ଼ ସଙ୍ଗୀତ ନିର୍ଦ୍ଦେଶକ ଓ ଗାୟକ ସୌରୀନ ଭଟ୍ଟଙ୍କ ଟିମ୍ ଦ୍ୱାରା ସଙ୍ଗୀତ କାର୍ଯ୍ୟକ୍ରମ ଆୟୋଜିତ ହେବ ବୋଲି ପୂଜା କମିଟି ପକ୍ଷରୁ ଜଣାଯାଇଛି।



ଲୋକମାନେ ଗୁଣପୁର ତହସିଲ ଅଫିସ ଘେରାଉ କରିଛନ୍ତି।

# ହରଭଙ୍ଗି ଡ୍ୟାମ୍ ଭାଙ୍ଗିଲା ଚାଷୀଙ୍କ ମେରୁଦଣ୍ଡ

**ଗୁଡାରୀ, ୨୨।୧୦(ଡି.ଏନ୍.ଏ.)**

ସାମୁଦ୍ରିକ ଝଡ ତିତ୍‌ଲି ଯୋଗୁ ହୋଇଥିବା ବର୍ଷାରେ ନଦୀ ଜଳସ୍ତର ବଢିଥିଲା। ଫଳରେ ଡ୍ୟାମ ଦେଇ ହଠାତ୍ ପାଣି ଛଡାଯାଇଥିଲା। ଏଥିଯୋଗୁ ଫସଲ ନଷ୍ଟ ହୋଇଯିବା ସହ ଜମିରେ ବାଲି ମାଡି ଯାଇଛି। ଫଳରେ ଆମର ମେରୁଦଣ୍ଡ ଭାଙ୍ଗିଯାଇଛି ବୋଲି ଗୁଡାରୀ ବ୍ଲକ କଦମା ପଞ୍ଚାୟତ ଅଧୀନ ଖଇରାଗୁଡା ଗ୍ରାମର ଚାଷୀମାନେ କହିଛନ୍ତି।

ପ୍ରକାଶ ଯେ, ପାହାଡି ଗାଁ ଖଇରାଗୁଡା ନିକଟରେ ବୋହି ଯାଉଥିବା ନଦୀରେ ହଠାତ ଗଜପତି ଜିଲା ଅଡବାର ହରଭଙ୍ଗି ଡ୍ୟାମ୍‌ର ପାଣି ଛଡାଯାଇଥିଲା। ଫଳରେ ପ୍ରଥମଥର ପାଇଁ ନଦୀରେ ଅଧିକ ଜଳ ଆସିଥିଲା। ଜଳର ସ୍ରୋତ ଏତେ ପ୍ରଖରଯେ ନଦୀର ଉଭୟ ପାର୍ଶ୍ୱରେ ଚାଷ ହୋଇଥିବା ୨୦୦ରୁ ଊର୍ଦ୍ଧ୍ୱ ଏକର ଜମିରେ ବାଲି ମାଡିଯାଇଛି। ଏହାଛଡା ନଦୀରୁ ଦୂରରେ ଥିବା ପକ୍କା ରାସ୍ତା ଉପରେ ପାଣିର ସୁଅ ଛୁଟିଥିଲା। ଗ୍ରାମବାସୀ ସାଡିଙ୍ଗା ବ୍ରେପୁଟିକାଙ୍କ କହିବା ଅନୁସାରେ ନଦୀ ଏତେ ପରିମାଣର ପାଣି ଆସିବା ଆମେ କେବେ ଦେଖି ନ ଥିଲୁ। ସେହିପରି ଜଗା ମାଝି କହନ୍ତି ଅଡ଼ବାର ହରଭଙ୍ଗି ଡ୍ୟାମର ପାଣି ଆମକୁ ନ ଜଣାଇ ଏକାଥରକେ ଛଡା ଯାଇଥିଲା। ଉଭୟ ତିତ୍‌ଲି ବର୍ଷାଜଳ ଓ ଡ୍ୟାମ ଜଳ ଯୋଗୁ ଏଭଳି ଦୁର୍ଦ୍ଦଶା ଭୋଗିବାକୁ ପଡିଲା। ଧାନ, ମାଣ୍ଡିଆ, ରାଶି କ୍ଷେତ ଉପରେ ପାଣିର ସୁଅ ଚାଲିଲା, ଆଉ ଏବେ ବାଲିପଟା ପାଲଟିଛି ଏହି କ୍ଷେତ୍ର। ହରଭଙ୍ଗି ଡ୍ୟାମର ପାଣି ପର୍ଯ୍ୟାୟକ୍ରମେ ନିଷ୍କାସନ କରିଥିଲେ କୌଣସି ଅସୁବିଧା ହୋଇ ନ ଥାନ୍ତା ବୋଲି ଗାଁର ଜାପୁଡା କିମ୍ବାକା, ଡେମ୍ବରା କିମ୍ବାକା କହିଛନ୍ତି। ଖବର ପାଇ ମେଟୁଖିଲିସିଂ ରାଜସ୍ୱ ନିରୀକ୍ଷକ ଗିରିଧର ସେନାପତି ଓ ସ୍ଥାନୀୟ କୃଷି ଅଧିକାରୀ ସନାତନ ବେହେରା ଘଟଣାସ୍ଥଳକୁ ଯାଇ କ୍ଷୟକ୍ଷତିର ପ୍ରାଥମିକ ଆକଳନ କରିଛନ୍ତି। ଗୁଡାରୀ ତହସିଲଦାର ପୂର୍ଣ୍ଣଚନ୍ଦ୍ର ନାୟକ କହିଛନ୍ତି, ଆସନ୍ତା ୨୩ ତାରିଖ ମଙ୍ଗଳବାର ରାଜସ୍ୱ ବିଭାଗ ଓ କୃଷି ବିଭାଗର ଏକ ମିଳିତ ଟିମ୍ ଖଇରାଗୁଡା ଯାଇ କ୍ଷୟକ୍ଷତିର ସମ୍ପୂର୍ଣ୍ଣ ରିପୋର୍ଟ ପ୍ରଦାନ କରିବ। ଉକ୍ତ ରିପୋର୍ଟ ଅନୁଯାୟୀ ଅନୁକମ୍ପା ରାଶି ପ୍ରଦାନ କରାଯିବ। ଆଗାମୀ ଦିନରେ ଏପରି ଭୁଲ୍ ଯେପରି ନ ହୁଏ, ସେ ଦିଗରେ ଦୃଷ୍ଟିଦେବା ପାଇଁ ଗ୍ରାମବାସୀ ପ୍ରଶାସନକୁ ଅନୁରୋଧ କରିଛନ୍ତି।



ବାଲିଚର ହୋଇଯାଇଥିବା ଚାଷଜମି।